P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ଓଁ ପରମାର୍ଥୀ ଓଁ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ଶ୍ରାବଣ ପୂର୍ଣ୍ଣିମା - ଅଗଷ୍ଟ - ୨୦୨୦ ସଂଖ୍ୟା ୬

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଆମ୍ଭେମାନେ ବାଣୀ (କଥା)ର ପିଅନ | ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର | ୭ |
| ୩- ପୁରୁଷୋତ୍ତମ ବ୍ରତ କଥା | ଶ୍ରୀ ନିତ୍ୟାନନ୍ଦ ଦାସ | ୯ |
| ୪- ଆଶା ହିଁ ପରମ ଦୁଃଖ | ସଦାଶିବ ପଣ୍ଡା | ୧୦ |
| ୫- ଗୁରୁ ପୂଜାରେ ଶ୍ରୀ ଗୁରୁଗୋସ୍ୱାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି | ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ | ୧୧ |
| ୬- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୨ |
| ୭- ଶ୍ରୀ ଗୌର ଗମ୍ଭୀରା (ରାଧାକାନ୍ତ ମଠ) | ଶ୍ରୀ ଜାହ୍ନବୀ ଜୀବନ ଦାସ | ୧୬ |




# ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା

**ବିଷୟ - ଭାଗବତ-ଧର୍ମ ହିଁ ପ୍ରେମ ଧର୍ମ**

**"ଶ୍ରୀ ବସୁଦେବ ଓ ନାରଦ-ସଂବାଦ"**

ସ୍ଥାନ - ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ. ୬/୮/୬୫)

(ପୂର୍ବ ପ୍ରକାଶନ ଉତ୍ତାରୁ....)

ଦେବର୍ଷି ଶ୍ରୀନାରଦ ଶ୍ରୀକୃଷ୍ଣ ପ୍ରତି ପ୍ରିୟତାବଶତଃ ଦ୍ୱାରିକା ଭୂମିକୁ ବାରବାର ଆଗମନ କରୁଥାନ୍ତି। ଭଗବାନ ଶ୍ରୀକୃଷ୍ଣ ଅଖିଳ ରସାମୃତସିନ୍ଧୁ - ବ୍ରହ୍ମାଦି ଦେବଗଣ ଯାର ଅନ୍ତ ପାଆନ୍ତି ନାହିଁ, ସେହି ଅଚିନ୍ତ୍ୟ ଗୁଣ ସ୍ୱରୂପ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ପ୍ରତି ଅତ୍ୟାସକ୍ତି ସ୍ୱାଭାବିକ। ଦିନେ ଶ୍ରୀ ନାରଦ ଅଯାଚିତ ଭାବେ ପରମ ଭାଗବତ ଶ୍ରୀ ବସୁଦେବଙ୍କ

ଗୃହରେ ଉପସ୍ଥିତ ହୋଇଛନ୍ତି । ତାଙ୍କ ଶୁଭ ଆଗମନରେ ଶ୍ରୀ ବସୁଦେବ କୃତ କୃତାର୍ଥ ଶ୍ରୀ ବସୁଦେବ ପାଦ୍ୟ ଅର୍ଘ୍ୟ-ଅର୍ଚ୍ଚନ ଅଭିବାଦନ ଦ୍ୱାରା ସାଦର ଅଭ୍ୟର୍ଥନା ଜଣାଇବା ପରେ ତାଙ୍କର ଗୁଣାବଳୀ ସ୍ତବାକାରେ ବିବୃତ କରନ୍ତି ।

ଶ୍ରୀ ନାରଦ ପରମ ଭାଗବତ ସେ ଏଠି ସେଠି ଭ୍ରମଣ କରନ୍ତି ଜୀବଜଗତର ମଂଗଳ ବିଧାନ ପାଇଁ ମର୍ତ୍ତ୍ୟଜୀବ ମଧ୍ୟରେ ଯେ ଭଗବଦ୍-ବିମୁଖ ବା ଭଜନ ରହିତ, ସେ କୃପଣ, ହୀନଚେତା, ନିକୃଷ୍ଟ; ଏଭଳି ଭଗବଦ ବିମୁଖ ଜୀବକୁ ଶୁଣାଇବା ନିମିତ୍ତ ମହାଜନଗଣ ହୀନ-ଚେତା ଜୀବର କୁଟୀର ପ୍ରାଙ୍ଗଣକୁ ଗମନ କରନ୍ତି । ସେ ଅର୍ଥଲୋଭରେ ଆଶାରେ ଗୃହସ୍ଥ ଦ୍ୱାରକୁ ଯାଏନା, ପରନ୍ତୁ ତାକୁ ପରମ ବାସ୍ତବ ମଙ୍ଗଳ- ପଥେ ପରିଚାଳିତ କରିବା ପାଇଁ ଯାଆନ୍ତି ।

ଏହିସବୁ ମହାଜନଗଣଙ୍କର ଦର୍ଶନ ଲାଭ କ୍ୱଚିତ କୌଣସି ଶୁଭ ମୁହୂର୍ତ୍ତରେ ଘଟେ ଯେତେବେଳେ ସେତେବେଳେ ତାଙ୍କର ଦର୍ଶନ ମିଳେନା । ଏମାନଙ୍କ ଦ୍ୱାରା ପୃଥିବୀର ବା ବିଶ୍ୱବ୍ରହ୍ମାଣ୍ଡର କେବଳ ମାତ୍ର ମଂଗଳ ହିଁ ସଂଘଟିତ ହୁଏ ।

କିନ୍ତୁ ଦେବତାମାନଙ୍କ ଦ୍ୱାରା ଦୁଃଖ ଓ ସୁଖ-ଦୁଇଟି ହୋଇପାରେ । ଉଦାହରଣ ସ୍ୱରୂପ କୁହାଯାଏ ଇନ୍ଦ୍ରଦେବଙ୍କ କୃପାରେ ସୁପରିମିତ ବାରି-ବର୍ଷଣରେ ବସୁନ୍ଧରା ଧନ-ଧାନ୍ୟେ ଭରି ଉଠିପାରେ, କିନ୍ତୁ ଅନାବୃଷ୍ଟି ବା ଅତି ବୃଷ୍ଟିଫଳରେ ଦେଶ ଦୁର୍ଭିକ୍ଷର କରାଳ ଛାୟା ଦ୍ୱାରା ଆଚ୍ଛାଦିତ ହୁଏ । କିନ୍ତୁ ମହାଜନଗଣ ଅବିମିଶ୍ର ଆନନ୍ଦ ହିଁ ପରିବେଶଣ କରିଥାଆନ୍ତି, ସେମାନେ କେତେବେଳେ ଅମଙ୍ଗଳର କାରଣ ହୁଅନ୍ତି ନାହିଁ । ଭାଗବତ ଚରିତ୍ରର ଏଇ ବୈଶିଷ୍ଟ୍ୟଟି ଅନୁଧାବନୀୟ ଶ୍ରୀ ବସୁଦେବ ତେଣୁ ଦେବର୍ଷି ଶ୍ରୀନାରଦଙ୍କର ଶୁଭ ଆଗମନରେ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି । ଏଭଳି ମହାଜନଙ୍କର ଦର୍ଶନ ବହୁ ଭାଗ୍ୟଫଳରେ ଘଟିଥାଏ ।

ତାପରେ ଶ୍ରୀବସୁଦେବ ଶ୍ରୀନାରଦଙ୍କୁ ଭାଗତଧର୍ମ ସମ୍ବନ୍ଧେ କିଛି କହିବାକୁ ଅନୁରୋଧ ଜଣାଇଲେ ଭାଗବତ ଧର୍ମ- ପ୍ରେମର ଧର୍ମ - ଯାଦ୍ୱାରା ଶ୍ରୀ ଭଗବାନ୍ ପ୍ରୀତ ହୁଅନ୍ତି; ସୁଖୀ ହୁଅନ୍ତି; ଆନନ୍ଦିତ ହୁଅନ୍ତି । ଏଭଳି ଧର୍ମକୁ ଭାଗବତ-ଧର୍ମ କୁହାଯାଏ । ଅବଶ୍ୟ ଶ୍ରୀବସୁଦେବ ଶ୍ରୀନାରଦଙ୍କ ସ୍ତୁତିର ମଧ୍ୟେ ଭାଗବତ ଧର୍ମ କ'ଣ ? ତା ସୁକୌଶଳରେ ସନ୍ନିବେଶିତ କରିଛନ୍ତି । ପ୍ରଶ୍ନର ମଧ୍ୟେ ହିଁ ଉତ୍ତରର ଚମତ୍କାରିତା ଶ୍ରୀ ବସୁଦେବ ଚରିତ୍ରର ମହୋତ୍ତମ ଭାଗବତ୍ତାର ପରିଚାୟକ । ତଥାପି ସେ ଦୈନ୍ୟ ବଶତଃ ଦେବର୍ଷିଙ୍କୁ କହିଲେ, "ମୁଁ ପୁତ୍ର କାମନାରେ ଭଗବାନଙ୍କର ପୂଜା ଓ ଆରାଧନା କରିଥିଲି; ତେଣୁ ମୁଁ ଭଗବାନଙ୍କ ଦୈବୀ ମାୟାରେ ବଶୀଭୂତ । ଏ ମୋହରୁ ଉତ୍ତୀର୍ଣ୍ଣ ହେବା ନିମିତ୍ତ ଭାଗବତ-ଧର୍ମ ଶ୍ରବଣ କରିବାକୁ ଚାହୁଁଛି ।"

ଭକ୍ତବତ୍ସଳ ଶ୍ରୀକୃଷ୍ଣ ଶ୍ରୀବସୁଦେବଙ୍କର ଏକାନ୍ତିକ ଭକ୍ତିରେ ପ୍ରୀତ ହୋଇ ତାଙ୍କପୁତ୍ରରୂପେ ଧରାରେ ଅବତୀର୍ଣ୍ଣ ହୋଇଛନ୍ତି । ଶ୍ରୀକୃଷ୍ଣ ଯେତବେଳେ ଶ୍ରୀବସୁଦେବଙ୍କୁ ଦର୍ଶନଲାଭେ କୃତକୃତାର୍ଥ କଲେ, ସତେବେଳେ ସେ ପ୍ରାର୍ଥନା କିରି ବସିଲେ - ଆମାର ମତ ଆର କେହନେଇ ।" ଏଇତ ଅସମୋର୍ଦ୍ଧ ଅଦ୍ୱିତୀୟ ମହାପୁରୁଷ । ସ୍ୱୟଂ ଭଗବାନ ପୁତ୍ରରୂପେ ଶ୍ରୀ ବସୁଦେବ ଗୃହେ ଲୀଳାମାଧୁରୀ ପ୍ରକାଶ କରିଛନ୍ତି ।

**ଭାଗବତଧର୍ମହିଁ ସର୍ବଶ୍ରେଷ୍ଠ ଧର୍ମ :**

ଶ୍ରୀ ବସୁଦେବ ଜାଣନ୍ତି ଭାଗବତଧର୍ମ ଅନୁଶୀଳନ କରିଲେ ସହଜରେ ସଂସାର-ସମୁଦ୍ର ପାର ହୋଇଯାଏ । ଭାଗବତ ଧର୍ମର ଶ୍ରବଣ, କୀର୍ତ୍ତନ, ସ୍ମରଣ ଅନୁଶୀଳନ ଓ ଅନୁମୋଦନ ଦ୍ୱାରା ଅନାୟାସେ ଓ ଅଳ୍ପ ସମୟରେ ଭବସିନ୍ଧୁ

ଉତ୍ତୀର୍ଣ୍ଣ ହୋଇଥାଏ। କିନ୍ତୁ ବୈଶିଷ୍ଟ୍ୟ ଏଇ ଯେ, କୌଣସି ବ୍ୟକ୍ତି ଏଇ ଧର୍ମ ଅନୁଶୀଳନ କରି ନ ପାରିଲେ ମଧ୍ୟ ଅପରକୁ ଏଇ ଧର୍ମାନୁଶୀଳନରେ ଯଦି ଉତ୍ସାହ ବା ସାହାଯ୍ୟ କରେ; ତା'ହେଲେ ତାର ମଧ୍ୟ ପରମ ମଙ୍ଗଳ ସାଧିତ ହୁଏ। ଆଉ ଯେ ଶ୍ରବଣ, କୀର୍ତ୍ତନ, ଧ୍ୟାନ, ଅନୁଶୀଳନ କରିବ; ସେ ଶୀଘ୍ର ଓ ଅନାୟାସେ କୌଣସି କୃଚ୍ଛ୍ରସାଧନ ନକରି ମଧ୍ୟ ଶ୍ରୀକୃଷ୍ଣଙ୍କର ଚରଣକମଳ ଦେଖିବାକୁ ପାଇବ। ଭଗବତ୍-ପ୍ରାପ୍ତିର ଶାସ୍ତ୍ରସମ୍ମତ ଯେ ତିନୋଟି ଉପାୟର କଥା କୁହାଯାଇଛି - ଯଥା କର୍ମ, ଜ୍ଞାନ ଓ ଭକ୍ତି; ତାର ମଧ୍ୟେ; ଭାଗବତଧର୍ମ ବା ଭକ୍ତି ସର୍ବଶ୍ରେଷ୍ଠ, ଏଇ ମତବାଦେ Firm, Conviction ବା ବସ୍ତୁସିଦ୍ଧିଲାଭର ପ୍ରଶସ୍ତତମ ରାଜପଥ ଅର୍ଥାତ ଭକ୍ତିପଥ ଅବଲମ୍ବନ ହିଁ ସିଦ୍ଧିଲାଭର ସର୍ବୋତ୍ତମ ଅନାୟାସଲବ୍ଧ ଓ ଶୀଘ୍ର ଫଳଦାୟକ ଧର୍ମପଥ। ଏଇ realisation ( ଉପଲବ୍ଧି) ଭଗବତ୍- ପ୍ରାପ୍ତିର ସୁଦୃଢ଼ ଭିତ୍ତି ବା ସୋପାନ, ଭକ୍ତିପଥର ସହଜତା ଅନାୟାସଲବ୍ଧତା ଅନ୍ତରେ ଅନୁଭବ କରି ସାଧନ ପଥରେ ଅଗ୍ରସର ହେଲେ ବସ୍ତୁ ଲାଭ ହେବ - ଏଇମତେ ସୁଦୃଢ଼ ବିଶ୍ୱାସର ନାମଇ ଶ୍ରଦ୍ଧା।

"ଶ୍ରଦ୍ଧା-ଶବ୍ଦେ ବିଶ୍ୱାସ କହେ ସୁଦୃଢ଼ ନିଶ୍ଚୟ ।" (ଚୈ ଚ ମ ୨୦/୬୨)

ସୃଷ୍ଟିର ଆଦିକାଳରୁ ଭଗବତ୍-ପ୍ରାପ୍ତିର ଯେତେପଥ ଆବିଷ୍କାର ହୋଇଛି, ତାର ମଧ୍ୟେ ତିନିଟି ଉପାୟ ଶାସ୍ତ୍ରସମ୍ମତ। ତିନିଟି ଉପାୟ ଦ୍ୱାରା ପରତତ୍ତ୍ୱକୁ ଜଣାଯାଏ। ଏଇ ତିନଟି ପଥର ବୈଶିଷ୍ଟ୍ୟ ଓ ପ୍ରାର୍ଥକ୍ୟ ଉପଲନବ୍ଧି କରିପାରିଲେ ସାଧନ ପଥେ ଅଗ୍ରସର ହେବା ସହଜ ହୁଏ। ଜ୍ଞାନ ଦ୍ୱାରା ବ୍ରହ୍ମଙ୍କୁ, ଯୋଗଦ୍ୱାରା ପରମାତ୍ମାଙ୍କୁ, ଭକ୍ତିଦ୍ୱାରା ଭଗବାନଙ୍କୁ ଜଣାଯାଏ। ପରତତ୍ତ୍ୱର ଏଇ ତ୍ରିବିଧ ପ୍ରକାଶ ଗୋଟିଏ ତତ୍ତ୍ୱ ଅନ୍ତର୍ଭୁକ୍ତ। ସାଧକର ରୁଚି ଓ ଅଧିକାର ଭେଦେ ଭିନ୍ନ ଭିନ୍ନ ରୂପେ ଏହା ପ୍ରତୀୟମାନ ହୁଏ। ଯେ ଭଳି ବହୁଦୂରରୁ ପାହାଡ଼ ଦର୍ଶନ କରିଲେ ଧୁଆଁ ଭଳି ମନେହୁଏ। ଆଉ କିଛି ନିକଟକୁ ଗଲେ ପର୍ବତ-ଉପରର ଗଛବୃକ୍ଷ ଦେଖାଯାଏ। ପର୍ବତର ଉପରକୁ ଉଠିଲେ ସମସ୍ତ ଖୁଁଟିନାଟି ପର୍ଯ୍ୟବେକ୍ଷଣ କରାଯାଏ। କେଉଁଠି ଝରଣା, କେଉଁଠି ଫୁଲ, କେଉଁଠି ହରିଣ ଚରୁଛି; - ଏସବୁ ଖୁଁଟିନାଟି ଦୃଶ୍ୟହୁଏ। ସେଇ ରକମ ପରବସ୍ତୁର ଖୁବ ନିକଟକୁ ଗଲେ ତାର ଭଗବତ୍-ସ୍ୱରୂପ; ଭୁବନମୋହନ ରୂପ, ଦ୍ୱିଭୂଜ ମୁରଲୀଧର, ଶିଖିପୁଚ୍ଛ-ଚୁଡ଼ା-ଶୋଭିତ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦରଙ୍କୁ ଦେଖାଯାଏ। ତାଙ୍କ ସଙ୍ଗେ ଲଳିତା-ବିଶାଖା ପ୍ରଭୃତି ସଖୀଗଣ, ପାର୍ଷଦଗଣ ଓ ଅନ୍ୟାନ୍ୟ ଲୀଳାବୈଚିତ୍ର୍ୟ ଦେଖାଯାଏ। ଏଇ ପୂର୍ଣ୍ଣତମ ଦର୍ଶନ କେବଳ ମାତ୍ର ଭକ୍ତିସାଧନ ପଥରେ ସମ୍ଭବ। ଭଗବାନ ସଚ୍ଚିଦାନନ୍ଦ ବିଗ୍ରହଙ୍କର ସାକ୍ଷାତ୍କାର ଏଇ ପଥର ଅନୁଶୀଳନରେ ହୋଇପାରେ; ଅନ୍ୟ କୌଣସି ଉପାୟରେ ହୋଇପାରେନା। ସୁତରାଂ ଭଗବାନଙ୍କୁ ଜାଣିବାକୁ ହେଲେ ମାତ୍ର ଗୋଟିଏ ପଥ - ପ୍ରେମ ଭକ୍ତିର ପଥ ଏଇ ପଥ ପ୍ରତି ସୁଦୃଢ଼ ବିଶ୍ୱାସ ହିଁ ଏ ପଥେ ଚାଲିବାକୁ ଅଧିକାର ଦିଏ। ପକ୍କା ଘରର ଭିତିଟା ଯଦି ସୁଦୃଢ଼ ହୁଏ, ତାହେଲେ ସେଥିରେ ଯେତେ ଇଟା ଗୁନ୍ଥା ଯାଉନା କାହିଁକି, ତା ଠିକ ହୋଇ ବସେ। ସୁତରାଂ ଏଇ ଭିତିଟି ଯଦି Oscillating (ଦୋଦୁଲ୍ୟମାନ) ହୁଏ; ତାହାଲେ ସିଦ୍ଧିଲାଭ ହୋଇପାରେନା।

**ଭକ୍ତି-ପଥ ପ୍ରତି ସୁଦୃଢ଼ ବିଶ୍ୱାସହିଁ ଏ ପଥରେ ଚାଲିବାର ଅଧିକାର ଦିଏ :**

ଏଇ ଭକ୍ତି-ପଥର ସର୍ବଶ୍ରେଷ୍ଠତା ବସୁଦେବ ଯେ ଦୃଢ଼ତାର ସହିତ କୀର୍ତ୍ତନ କରିଛନ୍ତି; ସେଥିରେ ଦେବର୍ଷି ଶ୍ରୀନାରଦ ଅତ୍ୟନ୍ତ ଖୁସୀ ହୋଇଛନ୍ତି ପାଦ୍ୟ, ଅର୍ଘ୍ୟ, ଅଭିବାଦନ ଦ୍ୱାରା ଯେ ପ୍ରୀତିଲାଭ କରିଛନ୍ତି, ତା'ଠାରୁ ଅନେକ ବେଶୀ ପ୍ରୀତି

ଓ ଆନନ୍ଦ ଅନୁଭବ କରିଛନ୍ତି। ଭକ୍ତିପଥ ପ୍ରତି ସୁଦୃଢ଼ ବିଶ୍ୱାସ ଏ ପଥେ ଚାଲିବାର ଅଧିକାର ଦିଏ।  ଏ ପଥର ଅଶେଷଗୁଣ, କାରଣ ଏହାଦ୍ୱାରା ଅତି ପାଷାଣ୍ଡର ମଧ୍ୟ Purification (ସଂଶୋଧନ) ହୁଏ  ଏ ପଥର ଗୁଣ ମହିମା ଶ୍ରବଣ ମାତ୍ରେ, ପାଷଣହୃଦୟ ମଧ୍ୟ ପରିଶୋଧିତ ଓ ବିଗଳିତ ହୁଏ  ଯାର ଅନ୍ତର ଦ୍ରୋହ ବୁଦ୍ଧିରେ ପରିପୂର୍ଣ୍ଣ ସେ ମଧ୍ୟ ଯଦି ଅଚ୍ୟୁତାତ୍ମା କୌଣସି ମହାଜନ ମୁଖନିଃସୃତ ଭକ୍ତିଁପଥର ବାଣୀ ଶ୍ରବଣ କରେ, ତାହାଲେ ତାର ଅନ୍ତରେ ପ୍ରେମର ଅଂକୁର ଜାଗେ ଏବଂ ତାହା କ୍ରମବର୍ଦ୍ଧିତ ହୋଇ ତାର ପାଷାଣ ହୃଦୟକୁ ପ୍ରେମାଶ୍ରୁଧାରାରେ ଦ୍ରବୀଭୂତ କରେ।

ଏ ପଥେ କୌଣସି ରକମ କଠୋର ବୈରାଗ୍ୟ ସାଧନ ନାହିଁ; କୃଚ୍ଛ୍ରତା - ସାଧନ ବା questerity (କ୍ଳେଶ) ଏହାର ଲେଶମାତ୍ର ନାହିଁ  କେବଳ -  ନାଚ, ଗାଓ, ଭକ୍ତ ସଂଗେ କର ସଂକୀର୍ତ୍ତନ   (ଶ୍ରୀ ଚୈ-ଚ.ଅ. ୬/୯୨)

ଅଚିରାତ୍‌ପାବେ ତୁମି କୃଷ୍ଣ ପ୍ରେମ ଧନ  - (ଶ୍ରୀ ଚୈ.ଅ, .୬/୨୯୫)

ଜୀବନ କ୍ଷଣସ୍ଥାୟୀ, ଚଂଚଳ ପ୍ରତିବିମ୍ବ  ସୁତରାଂ ଏ କଳିଯୁଗେ ସହଜ ଓ ଶୀଘ୍ର ସିଦ୍ଧିଲାଭ ଯେଉଁ ଉପାୟରେ ହୁଏ; ତାହା ବରଣ କରିବା ବୁଦ୍ଧିମାନର କାର୍ଯ୍ୟ  ଏହି ନିଶ୍ଚୟାତ୍ମିକ ବୁଦ୍ଧିର ଉଦୟ ହେଲେ ବୁଝିବାକୁ ହେବ - ଉଷାକାଳ ସମୁପସ୍ଥିତ ‘  ପୂର୍ବାକାଶେ ଅରୁଣୋଦୟର ଆଉ ବେଶୀ ଡେ଼ରି ନାହିଁ, ଅର୍ଥାତ ଶ୍ରୀଭଗବାନ ତାଙ୍କ ଦୃଷ୍ଟିରେ ଅନତିଦୂରରେ ଜ୍ଞାନ ଓ ଯୋଗ ଅପେକ୍ଷା ହରିନାମାଶ୍ରୟ ଅନେକ ଶ୍ରେଷ୍ଠ।

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ
କଲୌନାସ୍ତ୍ୟେବ ନାସ୍ତ୍ୟେବ ନସ୍ତ୍ୟେବ ଗତିରନ୍ୟଥା

ଶ୍ରୀମ୍ନନ୍ମହାପ୍ରଭୁ ଏ କଥା କୀର୍ତ୍ତନ କରି କଳି-କାଳେ ଶ୍ରୀନାମ ସଂକୀର୍ତ୍ତନ ରୂପ ଭକ୍ତ୍ୟାଂଗ ଯାଜନର ସର୍ବଶ୍ରେଷ୍ଠତା ବା ଏକମାତ୍ର ଉପଯୋଗିତାର କଥା ପ୍ରକାଶ କରିଛନ୍ତି।  ଭାଗବତ ଧର୍ମହିଁ ଏକମାତ୍ର ଧର୍ମ, ଯାହା ଦ୍ୱାରା ଜଗତର ଆତ୍ୟନ୍ତିକ ମଂଗଳ ସାଧିତ ହୁଏ  । ଏ ଧର୍ମର ଶ୍ରବଣ, କୀର୍ତ୍ତନ, ଅନୁଶୀଳନ କିମ୍ବା ଅନୁମୋଦନ ଦ୍ୱାରା ମାନବର ପରମ ଶାନ୍ତି ଓ ପରମମଂଗଳ ସାଧିତ ହୁଏ।

ଶ୍ରୀ ବସୁଦେବଙ୍କର ଏବଂ ବିଧ ପ୍ରଶ୍ନରେ ଦେବର୍ଷି ଶ୍ରୀନାରଦଙ୍କ ଅନ୍ତରରେ ଯେଉଁ ଆନନ୍ଦର ଅମୃତ-ପ୍ରବାହ ସଂଚର ହୋଇଥିଲା; ସେଥିରେ ସେ ଶ୍ରୀ ବସୁଦେବଙ୍କୁ ବାରବାର ଅଭିନନ୍ଦିତ ଓ ପ୍ରଶଂସିତ ନକରି ରହିପାରିଲେ ନାହିଁ  ଦେବର୍ଷି ଶ୍ରୀନାରଦଙ୍କର ଅଯାଚିତ ‘ ଆଗମନେ ଶ୍ରୀବସୁଦେବ ଯେପରି ତାଙ୍କୁ ଅଭ୍ୟର୍ଥିତ ଓ ଅଭିନନ୍ଦିତ କରିଥିଲେ; ସେହିଭଳି ଜଗତର ମଂଗଳବିଧାୟକ ଶ୍ରୀବସୁଦେବଙ୍କ ପ୍ରଶ୍ନରେ ଅତ୍ୟନ୍ତ ଖୁସୀ ହୋଇ ବାରବାର ସେ ବସୁଦେବଙ୍କୁ ଧନ୍ୟବାଦ ଜ୍ଞାପନ କଲେ।

ଶ୍ରୀ ବସୁଦେବଙ୍କର ଏଇ ପ୍ରଶ୍ନରେ ଶ୍ରୀନାରଦ ନିଜକୁ କୃତାର୍ଥ ମନେ କରିଛନ୍ତି।  କାରଣ ତାଙ୍କର ହୃଦୟ ମନ୍ଦିରେ ଯେ ସର୍ବଦା ବିରଜମାନ, ସେଇ ଅପାର କରୁଣାସିନ୍ଧୁ, ମୋହନ ମୁରଲୀ ବଂଶୀଧାରୀ ଶ୍ରୀକୃଷ୍ଣଙ୍କର ଗୁଣ ମହିମା କୀର୍ତ୍ତନ କରିବାର ସୁଯୋଗ ପାଇ ଶ୍ରୀନାରଦ ନିଜକୁ ଧନ୍ୟ ମନେ କରିଛନ୍ତି। ସେଇ ପରମ ସୁନ୍ଦର, ସେଇ ପ୍ରାଣପ୍ରିୟ ହୃଦୟ ଦେବତା, ସେ ଅନ୍ତର୍ଯ୍ୟାମୀ ଦୟାର ଠାକୁରଙ୍କର ସ୍ମରଣ, ମନନ, କୀର୍ତ୍ତନ କରିବାର ସୁଯୋଗ ଖୁବ୍ କମ୍ ଆସେ। -***କ୍ରମଶଃ***

=====

# ଆମ୍ଭେମାନେ ବାଣୀ (କଥା)ର ପିଅନ

**ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର**



ପୂର୍ବ ପ୍ରକାଶିତ ପରେ....

ଶ୍ରୌତ ପଥ ଅବଲମ୍ବନ କରି ମାନବର ଆଧ୍ୟାତ୍ମିକ ଜୀବନ । ବୈଦିକ ଭାରତବର୍ଷର ମନିଷୀଗଣ ଏଇ ପଥ ଅବଲମ୍ବନ କରି ପରମାର୍ଥ ପଥରେ ପଥିକଗଣଙ୍କୁ ମାର୍ଗଦର୍ଶନ କରିଯାଇଛନ୍ତି । ବେଦ କଳ୍ପତରୁ ସଦୃଶ । ଭଗବତ୍ ଇଚ୍ଛାରେ ଏହାଙ୍କ ଆବିର୍ଭାବ । ଏହାଙ୍କର ବହୁ ଶାଖା ପ୍ରଶାଖା । ଶବ୍ଦ ବ୍ରହ୍ମମୟ ଶାସ୍ତ୍ର ସମସ୍ତ ଜୀବକୁ ଧର୍ମପଥରେ ପରିଚାଳିତ କରେ । ଦୁଃଖମୟ ସଂସାରରୁ ମଧ୍ୟ ପାରି କରି ନେଇଯାଏ। ନିତ୍ୟ ଶାନ୍ତି ଓ ଆନନ୍ଦର ପଥ ଦେଖାଏ । ଭବବ୍ୟାଧିର ଏକମାତ୍ର ନିଦାନ ସ୍ୱରୂପ ଶବ୍ଦ-ବ୍ରହ୍ମମୟ ଶାସ୍ତ୍ର । ଏହାଙ୍କ କୃପାରୁ ଜୀବର ଭବବନ୍ଧନ ଛିନ୍ନ ହୁଏ । ଜୀବ ମାତ୍ରେ ହିଁ ଏହି ଶବ୍ଦବ୍ରହ୍ମଙ୍କ ସେବା ବିଶେଷ ପ୍ରୟୋଜନ । ଦିବ୍ୟ ଦୃଷ୍ଟି ଦାନ କରି ଜୀବକୁ ଚରମ ଗତି ପ୍ରଦାନ କରି ଥାଆନ୍ତି ।

କିନ୍ତୁ ବେଦର ବହୁ ଶାଖା ଥାଇ ଶ୍ରୌତପଥ ବହୁ ଧାରାରେ ବିଭକ୍ତହୋଇଛି । ଭିନ୍ନ ଭିନ୍ନ ଋଷିଗଣ ବେଦର ଭିନ୍ନ ଭିନ୍ନ ଶାଖା ଅବଲମ୍ବନ କରି ଭିନ୍ନ ଭିନ୍ନ ମତ ସୃଷ୍ଟି କରିଛନ୍ତି । ଫଳରେ ଧର୍ମର ବହୁ ଶାଖା ହୋଇଛି ଏବଂ ବହୁ ଧାରାରେ ଏଇ ଜଗତରେ ପ୍ରବାହିତ ରହିଛି। କେହି କର୍ମକାଣ୍ଡ, କେହି ବା ଜ୍ଞାନ କାଣ୍ଡ ନେଇ ଚର୍ଚ୍ଚା କରନ୍ତି, କେହି ଭୋଗ ବା ନାସ୍ତିକ୍ୟବାଦର ପ୍ରଚାର କରନ୍ତି। ଅପରାପର ଅନେକ ସବିଶେଷ ବାଦର ପ୍ରଚାର ପୂର୍ବକ ଭକ୍ତିମାର୍ଗର ପୁଷ୍ଟିବିଧାନ କରିଛନ୍ତି। ସମ୍ପ୍ରଦାୟ ପ୍ରଣାଳୀର ମାଧ୍ୟମରେ ଆଜି ମଧ୍ୟ ଏଇ ସମସ୍ତ ଧାରା କେଉଁଠାରେ କ୍ଷୀଣ, କେଉଁଠାରେ ବା ତୀବ୍ର ଗତିରେ ପ୍ରବାହିତ।

ଆମ୍ଭେମାନେ ଶ୍ରୀବ୍ରହ୍ମ - ମାଧ୍ୱ ଗୌଡ଼ୀୟ ସମ୍ପ୍ରଦାୟଭୁକ୍ତ ସାଧକ ଜୀବ । ବ୍ରହ୍ମାଙ୍କଠାରୁ ଆରମ୍ଭ କରି ନାରଦ-ବେଦବ୍ୟାସ - ମଧ୍ୱାଚାର୍ଯ୍ୟ ଆଦି କ୍ରମେ ବିଶୁଦ୍ଧ ଭକ୍ତିର ଏଇ ଧାରାରେ ବେଦ-ପୁରାଣାଦି ଶାସ୍ତ୍ରର ସାର କଥା ଚାଲି ଆସିଛି ଆମ୍ଭମାନଙ୍କ ପାଖକୁ । ବିଶେଷ କରି ଶ୍ରୀଚୈତନ୍ୟ ଦେବଙ୍କର ଶୁଦ୍ଧ ଭକ୍ତି ବା ପ୍ରେମ ଧର୍ମର ବାଣୀ ଆଜି ଆମ୍ଭମାନଙ୍କ କର୍ଣ୍ଣରେ ପ୍ରବେଶ କରିଛି ଏଇ ଧାରାରେ ଆଗତ ଗୌଡ଼ୀୟ ମହାଜନଙ୍କ ମାଧ୍ୟମରେ। ଆଜି ପର୍ଯ୍ୟନ୍ତ ଯେ ସମସ୍ତ ଆଚାର୍ଯ୍ୟଗଣ ଏଇ ବାଣୀର ଧାରକ ବା ବାହକ ରୂପେ କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କର ଉଦାରତା, ନିର୍ମତ୍ସରତା, ସହିଷ୍ଣୁତାଦି ଗୁଣ ସତରେ ବଡ଼ ଆଶ୍ଚର୍ଯ୍ୟଜନକ । ଆନନ୍ଦମୟର ବାଣୀ ଚର୍ଚ୍ଚା କରି କରି ତା'ର ସୌଗନ୍ଧରେ ଜଗତକୁ ଆଜି ମଧ୍ୟ ମତ୍ତ କରି ରଖିଛନ୍ତି ସେମାନେ । ମନର ଦୁଆର, ଝରକା ବନ୍ଦ କରି ଅନ୍ଧକାର ଘରେ ଶୋଇ ବସି ରହିବା ଅନ୍ଧ ଜୀବ ସମସ୍ତଙ୍କୁ ଜାଗ୍ରତ କରି, ଚେତନ ରାଜ୍ୟର ବାଣୀ ଶୁଣାଇବା କି ଯେ ଏକ ମହା ଭାଗ୍ୟର କଥା ତାହା ବର୍ଣ୍ଣନାତୀତ । ଭଗବତ୍ କଥା କୀର୍ତ୍ତନକାରୀ ହିଁ ପ୍ରକୃତ ମହାଦାତା - ଏକଥା ଶ୍ରୀମନ୍ ମହାପ୍ରଭୁ ଭାଗବତର 'ଭୁରିଦା' ଶବ୍ଦର କୀର୍ତ୍ତନରେ ବାରମ୍ବର ପ୍ରକାଶ କରିଚନ୍ତି । ଭଗବତ୍ ଭକ୍ତି ରାଜ୍ୟର ବାର୍ତ୍ତାବାହକ ମହାଜନଗଣଙ୍କର ବିରାଟ

ଏଇ ଚ୍ୟାନେଲ ବା ପରମ୍ପରା ଆଜି ଜଗତ ଭାଗ୍ୟରେ ଅବିଚ୍ଛିନ୍ନ ଗତିରେ ପ୍ରବାହିତ ହୋଇ ଚାଲିଛି । ଶତ ଶତ ସୁକୃତିଶାଳୀ ଜୀବଙ୍କୁ ଆକର୍ଷଣ କରି ଏଇ ପ୍ରେମ ଧାରା ଧୀରେ ଧୀରେ 'ଗୋଲୋକ' ଆଡ଼କୁ ନେଇ ଯାଉଛି ତା'ର କୌଣସି ଅନ୍ତ ନାହିଁ । ଗଙ୍ଗା ଭଳି ଭକ୍ତି ସ୍ରୋତସ୍ୱିନୀର ଏଇ ଧାରା ମାଧ୍ୟମରେ ଭଗବତ୍ ରାଜ୍ୟର କେତେ କେତେ ଗୁପ୍ତ ସଂବାଦ, ସୂକ୍ଷ୍ମ ସୂକ୍ଷ୍ମ ସିଦ୍ଧାନ୍ତ ବିଚାର ବଦ୍ଧ ଜୀବର ମୋହତମ ରୂପ, ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନ ଆଲୋକରେ ଉଦ୍‌ଭାସିତ କରୁଛି ଏବଂ ଖାଲି ଜୀବାତ୍ମାର ଚେତନା ଜାଗ୍ରତ କରିବା ନୁହେଁ ତା'ର ନିତ୍ୟ ସ୍ୱରୂପରେ ପୂର୍ଣ୍ଣ ସ୍ଥିତି ଲାଭରେ ସାହାଯ୍ୟ କରୁଛି ତା'ର ଇୟତା ନାହିଁ ।

ଶ୍ରୀ ଚୈତନ୍ୟ ଦେବ ଯେଉଁ ଶ୍ରୀକୃଷ୍ଣ ପ୍ରେମ ଧର୍ମର କଥା ଜଗତରେ ପ୍ରକାଶ କରିଛନ୍ତି ଅନ୍ୟାନ୍ୟ ଭଗବତ୍ ଅବତାରଗଣ ତାହା କରିନାହାନ୍ତି । ବିଶେଷ କରି ଏଇ କଳି ଯୁଗରେ ସର୍ବଶ୍ରେଷ୍ଠ ବସ୍ତୁ ଦାନ ବିଷୟରେ ସେ ମହାବଦାନ୍ୟ ଲୀଳାର ପ୍ରକାଶକ । ସମସ୍ତ ବେଦ, ପୁରାଣ, ଉପନିଷଦର ଚରମ ଶିକ୍ଷାର କଥା ସେ ଦାନ କରିଚନ୍ତି । ଆଉ ସେଇ କଥାର ଲୁପ୍ତାବସ୍ଥାରେ ଯେଉଁମାନେ ପୁନଃ ଉଦ୍ଧାର କାର୍ଯ୍ୟରେ ବିଶେଷ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରୀଳ ଠାକୁର ଭକ୍ତି ବିନୋଦ ଓ ଶ୍ରୀଳ ପ୍ରଭୁପାଦ । ଶ୍ରୀଳ ଭକ୍ତି ବିନୋଦଙ୍କ ଉଦ୍ଧାରିତ ବାଣୀ ଦ୍ୱାରେ ଦ୍ୱାରେ, କର୍ଣ୍ଣେ କର୍ଣ୍ଣେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ଶ୍ରୀଳ ପ୍ରଭୁପାଦ ବହନ କରିଥିଲେ । ଘୋର କଳହ ପୀଡ଼ିତ, ସନ୍ଦେହଜାତକ, କାମକ୍ରୋଧର ଦାସ ଜୀବର କର୍ମ-ଜ୍ଞାନର ତିକ୍ତ ଓ ଶୁଖିଲା ଖାଇବାର ରୁଚିକୁ ପରିବର୍ତ୍ତନ କରି ଆଜି ଗୌଡ଼ୀୟ ଭାସ୍କର ଜଗତ୍‌ଗୁରୁ ନିତ୍ୟଲୀଳା ପ୍ରବିଷ୍ଟ ଓଁ ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀମଦ୍‌ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଆବିର୍ଭୂତ ହୋଇ ଶୁଦ୍ଧ ଭକ୍ତି ସିଦ୍ଧାନ୍ତ ପ୍ରଦୀପ ଜଳାଇ ଜଗତର କି ଯେ ମଙ୍ଗଳ ବିଧାନ କରିଛନ୍ତି ଏବଂ ତାଙ୍କର ନିଜ ଜନମାନଙ୍କ ମାଧ୍ୟମରେ ଏଇ ସେବା ଅକ୍ଷୁର୍ଣ୍ଣ ରଖିଚନ୍ତି ତାହା ଭାବିହୁଏନା । ସେ ତାଙ୍କର ସତ୍ୟନିଷ୍ଠତା, ନିର୍ଭିକତା ଏବଂ ସତ୍ୟର କଥା କୀର୍ତ୍ତନପରତାର ଦ୍ୱାରା ଜଗତର ମହା ଭାଗ୍ୟବାନ ଜୀବମାନଙ୍କୁ ଭକ୍ତିର ଆଲୋକରେ ଉଦ୍ଭାସିତ କରିଥିଲେ ବୋଲି ଆଜି ଆମ୍ଭମାନଙ୍କ କର୍ଣ୍ଣରେ ସେଇ ସୁଗର୍ଭର ସତ୍ୟର ବାଣୀ ପ୍ରବେଶ କରୁଛି, ହୃଦୟରେ ଧକ୍କା ଦେଉଛି, ଆତ୍ମଚେତନାର ସୂତ୍ରପାତ କରୁଛି – ଏ ବିଷୟରେ କୌଣସି ସନ୍ଦେହ ନାହିଁ । ତାଙ୍କର ପ୍ରତ୍ୟେକଟି କଥା ଅନ୍ୟାନ୍ୟଧର୍ମ ବ୍ୟବସାୟୀ ସମ୍ପ୍ରଦାୟ ପରି ରଂଗ ଚଢ଼ାଇବା ବା ଗୁଞ୍ଜା ମାରିବା କଥା ନୁହେଁ । ସେ କୌଣସି ଦିନ ଲୋକଙ୍କ ରୁଚି ବୁଝି ହରିକଥା ପରିବେଷଣର ପକ୍ଷପାତି ନ ଥିଲେ । ତାଙ୍କ ଉକ୍ତିରେ ଆମ୍ଭେମାନେ ପାଉଁ – ସର୍ବତ୍ର ହିଁ ହରିକୀର୍ତ୍ତନର ମହାଦୁର୍ଭିକ୍ଷ । ଭାଗବତର ଭାଷାରେ 'ଭୁରିଦା' ନାମର ପ୍ରକୃତ ସାର୍ଥକତା କରିବାକୁ ହେବ । ଏ ଯୁଗରେ ଶବଦ ବ୍ରହ୍ମଙ୍କ କୃପାମୟ ଅବତାରକୁ ପ୍ରତି ଜୀବର ରୁଦ୍ଧ କର୍ଣ୍ଣଦ୍ୱାରେ ପହଞ୍ଚାଇବାକୁ ହେବ । ଖାଲି ବଙ୍ଗବାସୀ କିମ୍ବା ଉତ୍କଳବାସୀଙ୍କ କଣ୍ଠଦ୍ୱାରେ ନୁହେଁ, ଖାଲି ଭାରତୀୟ ମାନବଜାତିର କର୍ଣ୍ଣଦ୍ୱାରେ ନୁହେଁ, ପୃଥିବୀର ସର୍ବତ୍ର, ବିଶ୍ୱର ସବୁରି ଦ୍ୱାରେ, କୋଇଲା ଖଣିରେ, ପର୍ବତର ଗୁମ୍ଫାରେ, ସାଗର ବକ୍ଷରେ, ନିର୍ଜନ କାନ୍ତାରେ, ଜନାକୀର୍ଣ୍ଣ ନଗରୀରେ, ଅଭାବ ପୀଡ଼ିତ ପଲ୍ଲୀରେ, ବାଷ୍ପୀୟ ଶକଟରେ, ବ୍ୟୋମଯାନରେ, ଅର୍ଣ୍ଣବପୋତରେ କର୍ମ କୋଳାହଳ ସ୍ଥାନରେ – ସର୍ବତ୍ର ହିଁ ଶବ୍ଦ ବ୍ରହ୍ମର ଆବିର୍ଭାବ କରାଇବା ଆମ୍ଭମାନଙ୍କର କାର୍ଯ୍ୟ । (ସରସ୍ୱତୀ ଜୟଶ୍ରୀ) ତାଙ୍କର ଏଇ ବାଣୀ ସଙ୍ଗେ ସଙ୍ଗେ ଆଉ ଏକ ବାର୍ତ୍ତାର କଥା ଆଜି ଆମ୍ଭମାନଙ୍କ ମନେ ପଡୁଚି – 'ଆମ୍ଭେମାନେ ଜଗତର କାଠ-ପଥରର ମିସ୍ତ୍ରୀ ହେବାକୁ ଆସିନାହୁଁ, ଆମ୍ଭେମାନେ ଶ୍ରୀଚୈତନ୍ୟ ଦେବଙ୍କ ବାଣୀର ପିଅନ ମାତ୍ର । *କ୍ରମଶଃ*

# ପୁରୁଷୋତ୍ତମ ବ୍ରତକଥା

**ଉପସ୍ଥାପନା - ଶ୍ରୀ ନିତ୍ୟାନନ୍ଦ ଦାସ**

ପ୍ରତି ତିନି ବର୍ଷ ଚନ୍ଦ୍ର ମାସରେ ଏକ ମାସ ବୃଦ୍ଧି ହୋଇଥାଏ । ତାହାକୁ ମଳମାସ ବା ଅଧିମାସ କୁହାଯାଏ । ୧୨ ମାସରେ ୧୨ ଗୋଟିଏ ସଂକ୍ରାନ୍ତି ହୁଏ । ଯଥା - ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ, ମୀନ ସଂକ୍ରାନ୍ତି । ଯେଉଁ ମାସରେ କୌଣସି ସଂକ୍ରାନ୍ତି ନାହିଁ ବା ଯେତେବେଳେ ୧୨ ମାସ ମଧ୍ୟରେ କୌଣସି ସଂକ୍ରାନ୍ତି ପଡ଼େନା ସେତେବେଳେ ଏହା ଅଧିମାସ ନାମରେ ନାମିତ ହୋଇଥାଏ । ଯେଉଁ ମାସରେ ୨ ଗୋଟି ସଂକ୍ରାନ୍ତି ପଡ଼େ ତାହାକୁ କ୍ଷୟ ମାସ କୁହାଯାଏ । ଏ ବର୍ଷ ୩ କନ୍ୟା ୧୭ ଆଶ୍ୱିନ, ୧୮ ସେପ୍ଟେମ୍ବର ୨୦୨୦ରେ ମଳମାସ ପଡୁଛି । କନ୍ୟା ବା ଆଶ୍ୱିନ ମାସରେ କୌଣସି ସଂକ୍ରାନ୍ତି ନାହିଁ । ୨୦୨୦ ମସିହାର ୧୭ ସେପ୍ଟେମ୍ବର, ୧୭ ଅକ୍ଟୋବର ମଳମାସ ବା ପୁରୁଷୋତ୍ତମ ମାସର ବ୍ରତ ହେବ । ଏବେ ଆସନ୍ତୁ ମଳମାସ କେମିତି ପୁରୁଷତ୍ତୋମ ମାସ ହେଲା ସେ ସମ୍ପର୍କରେ ଜାଣିବା । ମଳ ମାସକୁ ପୁରୁଷୋତ୍ତମ ମାସ କହିବାର ତାତ୍ପର୍ଯ୍ୟ କ'ଣ ? ବୈଶାଖ ଆଦି ୧୨ ମାସର ଏକ ଏକ ଅଧି ଦେବତା ଥିଲେ । ଚୈତ୍ର୍ୟ ଆଦି ମାସ ମାନଙ୍କୁ କ୍ରମଶଃ ବରୁଣ, ସୂର୍ଯ୍ୟ, ଭାନୁ, ତପନ, ଚନ୍ଦ୍ର, ରବି, ଗଭାସ୍ତି, ଆର୍ଯ୍ୟମା, ହିରଣ୍ୟ, ରେତା ଓ ବିଷ୍ଣୁ ଦିବାକର ଇତ୍ୟାଦି ଅଧଦେବତା । କିନ୍ତୁ ୧୩ ମାସର କୌରସି ଅଧିଦେବତା ନ ଥିବାରୁ ଏଥିରେ ଅଧିମାସଙ୍କର ମନରେ ଗ୍ଲାନି ଆସିଲା । ସେ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ସେ ପ୍ରାର୍ଥନା କରି କହିଲେ ପ୍ରଭୁ ମୋର କୌଣସି ଅଧିଦେବତା ନାହାନ୍ତି । ତେଣୁ ମତେ ମଳ ମାସର ସଂଜ୍ଞା ଦେଇ ଶୁଭ କାର୍ଯ୍ୟ କରାଯାଉନି । ପଣ୍ଡିତ ମାନେ ଶୁଭ କାର୍ଯ୍ୟକୁ ମନା କରି ଦେଇଛନ୍ତି । ମୋର ଦୁଃଖକୁ ଦୂର କରିବା ପାଇଁ ଆପଣଙ୍କ ଶରଣ ପଶୁଛି । ଭଗବାନଙ୍କ ତା ଉପରେ ଦୟା ହେଲା । ସେ ନିଜେ ତାଙ୍କର ଅଧିଦବତା ସ୍ୱୀକାର କଲେ । ତା'ପରେ ମଳ ମାସର ନାମ ପୁରୁଷୋତ୍ତମ ମାସ ହୋଇଗଲା । ତାହାକୁ ୧୨ ମାସ ମଧ୍ୟରେ ଶ୍ରେଷ୍ଠ ମାସର ସମ୍ମାନ ଦିଆଗଲା । ଭଗବାନ କହିଲେ ଯାହା କିଛି ପୂଣ୍ୟ, ଅନ୍ୟ କୌଣସି ମାସରେ ଜପ, ତପ ପୂଜା କଲେ, ମନୁଷ୍ୟକୁ ପ୍ରାପ୍ତ ହୋଇ ଥାଏ, ତାହାଠାରୁ ଏହି ପୁରୁଷୋତ୍ତମ ମାସରେ ଅଧିକ ପୂର୍ଣ୍ଣ ଫଳ ମିଳିବ । କେହି ଯଦି ଏହି ପୁରୁଷୋତ୍ତମ ମାସରେ ତପ, ଜପ, ବ୍ରତ କରନ୍ତି ସେ ସର୍ବୋତ୍ତମ ଫଳ ଲାଭ କରନ୍ତି । ଏ ମାସରେ ଯିଏ ଭଗବଦ୍ ଗୀତା, ପୁରାଣ ଆଦି ପାଠ ଓ ଶୁଣନ୍ତି, ବିଧିପୂର୍ବକ ବ୍ରତ କରନ୍ତି, ଗଙ୍ଗା ସ୍ନାନ, କୁରୁକ୍ଷେତ୍ର ସ୍ନାନ, ଗୋ, ଭୂମି, ସୁବର୍ଣ୍ଣାଦି ଦାନ ଦେଲେ ଉଚ୍ଚକୋଟିର ଫଳ ମିଳିଥାଏ ।

=====

# ଆଶା ହିଁ ପରମ ଦୁଃଖ

ସଦାଶିବ ପଣ୍ଡା

।।୧।।
ବ୍ୟାସ ଦେବ ମୁନି କୃଷ୍ଣ ଅବତାର
ପୁରାଣର ରଚୟିତା
ତାଙ୍କ ଗ୍ରନ୍ଥକୃତ ମହାଭାରତରୁ
ଉଦ୍ଧୃତ ହୋଇଛି ଗୀତା ।

।।୨।।
ଗୀତାରେ ଶ୍ରୀକୃଷ୍ଣ କହିଯାଇଛନ୍ତି
ମୁହିଁ ଅଟେ ପୂର୍ଣ୍ଣକାମ
ତଥାପି ଧରାରେ ଅବତୀର୍ଣ୍ଣ ହୋଇ
ନିଭାଇଛି ମୋର ଧର୍ମ।

।।୩।।
ମୁହିଁ ଯଦି ନିଜେ କର୍ମ ନ କରିବି
ଲୋକ ମୋହଠାରୁ ଦେଖି
କର୍ମ କରିବାକୁ ଇଛା ନ କରିବେ
ଆଗେ ରଖି ମୋତେ ସାକ୍ଷୀ।

।।୪।।
ଶାସ୍ତ୍ର କହିଛନ୍ତି ମହାଜନମାନେ
ଯେ ପଥେ କରନ୍ତି ଗତି
ସେହି ପଥେ ଗଲେ କାର୍ଯ୍ୟ ସିଦ୍ଧି ହୁଏ
ଆମ୍ଭାକୁ ମିଳଇ ଶାନ୍ତି।

।।୫।।
କର୍ମ କରି ସେହି କର୍ମର ଫଳକୁ
କେବେ ନ କରିବ ଆଶା
ଫଳ ନ ମିଳିଲେ ଦୁଃଖ ବଢ଼ିଯିବ
ମନ ହୋଇଯିବ କଷା।

।।୬।।
ସେଥିପାଇଁ ସାଧୁ ସନ୍ଥ କହିଛନ୍ତି
ଆଶାଟିକୁ ଦୂର କରି
ନୈରାଶ୍ୟ ଭାବରେ ରହିଲେ ସଂସାରେ
ସୁଖ ଆସିବ ସବୁରି।

।।୭।।
ପିଙ୍ଗଳା ବେଶ୍ୟାର ଚରିତ୍ରକୁ ଦେଖ
ଗ୍ରାହକକୁ ଚାହିଁ ଚାହିଁ
ସାରା ରାତ୍ରିଯାକ ଅନିଦ୍ରା ରହିଲା
ଗ୍ରାହକ ଆସିଲେ ନାହିଁ।

।।୮।।
ସକାଳ ଆସିଲା ଦିବ୍ୟ ଜ୍ଞାନ ହେଲା
କହିଲା କି କଥା କଲି
ତୁଚ୍ଛ ଦେହ ପାଇଁ ରାତି ବିତାଇଣ
ସଂସାରରେ ବୁଡ଼ି ମଲି ।

॥୯॥

ସମୟର କିଛି ଅଂଶ ଯଦି ମୁହିଁ
ଦେଇଥାନ୍ତି କୃଷ୍ଣ ପାଇଁ
ପ୍ରଭୁ ଭଗବାନ ସେ ବିଶ୍ୱ ନିଧାନ
ରହିଥାନ୍ତେ ମୋତେ ଚାହିଁ ।

॥୧୦॥

ଦିନ ଚାଲିଗଲା ନିର୍ବେଦ ଆସିଲା
ପିଙ୍ଗଳା ଭଜିଲା ହରି
ଭକ୍ତ ମଧ୍ୟେ ଗଣା ହେଲା ପ୍ରଭୁଙ୍କର
ଉଦ୍ଧାରିଲେ ଦଇତାରୀ ।

# ଗୁରୁ ପୂଜାରେ ଶ୍ରୀ ଗୁରୁଗୋସ୍ୱାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ**

(ମାନ ଉଦ୍ଧାରଣ ବୃତ୍ତେ)

॥୧॥

ଶିଷ୍ୟ ଉଦ୍ଧାରକ ଶ୍ରୀ ଭକ୍ତିସୁନ୍ଦର
କୃପାକର ଆଜି କୃପାକର
କୃପା ନ କରିଲେ ଦୁର୍ଲଭ ଜୀବନ
ହୋଇଯିବ ସିନା ଛାରଖାର ।

॥୨॥

ଗୌଡ଼ୀୟ ଗଗନେ କୀର୍ତ୍ତି ସ୍ଥାପିଅଛ
ଗୁରୁ ଆଜ୍ଞାଶିରେ ଧରି
ମୁ ଜଣେ ପାପିଷ୍ଠ ପାପ କରି ମରେ
ପୁଣ୍ୟ ମୋର ଗଲା ସରି ।

॥୩॥

ପ୍ରତିଟି ଶିଷ୍ୟଙ୍କୁ କରୁଣା କରୁଛ
ନିଜର ଜନନୀ ପରି
ଶିଷ୍ୟ ବତ୍ସଳ ହେ ଶ୍ରୀ ଗୁରୁ ଗୋସ୍ୱାମୀ
ଦେବ ଆଶୀର୍ବାଦ ବାରି ।

॥୪॥

କରୋନାକୁ ମର୍ଦ୍ଦି କଟକେ ଆସିଲ
କଲିକତା ଠେଲି ଦେଇ
କାଙ୍ଗାଳ ଶିଷ୍ୟଙ୍କୁ କୃଷ୍ଣ ଧନେ ଧନୀ
କରିବା ପାଇଁ ଗୋସାଇଁ ।

॥୧୫॥

ଗୌଡ଼ୀୟ ସିଦ୍ଧାନ୍ତ ବାଣ୍ଟିବା ପାଇଁ କି
ଆସିଅଛ ଧରାଧାମେ
ପ୍ରବୋଧାନନ୍ଦରେ ଦୟା ବହିଥିବ
ପଠାଇ ଗୋଲୋକ ଧାମେ ।

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

ଶ୍ରୀଳ ଜୀବଗୋସ୍ୱାମୀ ଭକ୍ତିସନ୍ଦର୍ଭରେ ଶ୍ରୀଗୁରୁତତ୍ତ୍ୱ ବିବେଚନା ପ୍ରସଙ୍ଗରେ ତିନିପ୍ରକାର ଗୁରୁଙ୍କ କଥା ଉଲ୍ଲେଖ କରିଛନ୍ତି, ଯଥା- ଶ୍ରବଣଗୁରୁ, ଶିକ୍ଷାଗୁରୁ ଏବଂ ଦୀକ୍ଷାଗୁରୁ ।

(କ) **ଶ୍ରବଣଗୁରୁ-** ଯାହାଙ୍କ ଠାରୁ ଭକ୍ତ, ଭକ୍ତି ଏବଂ ଭଗବଦ୍-ତତ୍ତ୍ୱ ଆଦିର ସମ୍ବନ୍ଧରେ ଶ୍ରବଣ କରାଯାଏ, ସେ ହେଉଛନ୍ତି ଶ୍ରବଣଗୁରୁ ଶ୍ରୀମଦ୍ଭାଗବତ ଏକାଦଶ ସ୍କନ୍ଧରେ ନିମି-ନବଯୋଗେନ୍ଦ୍ର ସମ୍ବାଦରେ କୁହାଯାଇଛି -

ତତ୍ର ଭାଗବତାନ ଧର୍ମାନ ଶିକ୍ଷେଦ ଗୁର୍ବାତ୍ମଦୈବତଃ
ଅମାୟୟାଃଏନୁବୃତ୍ୟା ଯୈସ୍ତୁଷ୍ୟେଦାତ୍ମାତ୍ମଦୋ ହରିଃ ।।(ଭା, ୧୧/୩/୧୨)

ଅର୍ଥାତ ସାଧକ ଭକ୍ତଙ୍କୁ ନିଷ୍କପଟ ଓ ଅନୁଗତ ହୋଇ ଭଗବାନଙ୍କ ପ୍ରିୟ ତଥା ଭଗବଦ ତତ୍ତ୍ୱ ଜ୍ଞାତା ଶ୍ରୀଗୁରୁଦେବଙ୍କ ନିକଟରୁ ସେହି ଭାଗବତ ଧର୍ମର ଶିକ୍ଷା ଗ୍ରହଣ କରିବା ଉଚିତ । ଏହିପରି ଭାବେ ଭକ୍ତିର ଅନୁଷ୍ଠାନ କଲେ ଭଗବାନ ଶ୍ରୀହରି ନିଜକୁ ମଧ୍ୟ ( ସେହି ଭକ୍ତଙ୍କୁ) ଦେଇ ଦିଅନ୍ତି । ଏହିପ୍ରକାର ଭଜନ -ଶିକ୍ଷା ଦେଉଥିବା ବ୍ୟକ୍ତିଙ୍କୁ ଶ୍ରବଣଗୁରୁ କହନ୍ତି ଶ୍ରବଣଗୁରୁ ବହୁତ ହୋଇପାରନ୍ତି, ତଥାପି ସେଥିମଧ୍ୟରୁ ନିଜ ଭାବର ଅନୁରୂପ ମହାପୁରୁଷଙ୍କୁ ହିଁ ଭଜନଶିକ୍ଷା ପାଇଁ ଆଶ୍ରୟ ନେବା ଉଚିତ ।

(ଖ) **ଶିକ୍ଷାଗୁରୁ -** ଏଭଳି ଯୋଗ୍ୟତାସମ୍ପନ୍ନ ଅନେକ ଶ୍ରବଣଗୁରୁଙ୍କ ମଧ୍ୟରୁ ନିଜ ଭାବର ଅନୁକୂଳ ଭଜନଶିକ୍ଷା ଦେଉଥିବା ବ୍ୟକ୍ତିଙ୍କୁ ଶିକ୍ଷାଗୁରୁ କହନ୍ତି । ଶିକ୍ଷାଗୁରୁ ମଧ୍ୟ ବହୁତ ହୋଇପାରନ୍ତି, ତଥାପି ନିଜ ଭାବର ଅନୁକୂଳ ଜଣକୁ ହିଁ ବିଶେଷରୂପରେ ଶିକ୍ଷାଗୁରୁ ରୂପେ ବରଣ କରିବା ଭଜନର ଉପଯୋଗୀ ଅଟେ । ଶ୍ରବଣଗୁରୁ ଏବଂ ଶିକ୍ଷାଗୁରୁ ପ୍ରାୟଃ ଜଣେ ବ୍ୟକ୍ତି ହିଁ ହୋଇଥାନ୍ତି । ଅଥ ଶ୍ରବଣ-ଗୁରୁ ଭଜନଶିକ୍ଷାଗୁର୍ବୋଃ ପ୍ରାୟମେକତ୍ୱମିତି ( ଭକ୍ତିସନ୍ଦର୍ଭ ୨୦/ ୬) ପୂର୍ବୋକ୍ତ 'ତସ୍ମାଦ ଗୁରୁଂ ପ୍ରପଦ୍ୟେତ', 'ତତ୍ର ଭାଗବତାନ୍ ଧର୍ମାନ୍ ଶିକ୍ଷେଦ୍', 'ତଦ୍ୱିଜ୍ଞାନାର୍ଥଂ'- ଇତ୍ୟାଦି ଶ୍ଳୋକମାନଙ୍କରୁ ଶ୍ରବଣଗୁରୁ ଏବଂ ଶିକ୍ଷାଗୁରୁଙ୍କ ସମ୍ବନ୍ଧରେ ଜାଣିବା ଉଚିତ ।

(ଗ) **ଦୀକ୍ଷାଗୁରୁ -** ଯିଏ ବିଧି ଅନୁସାରେ ଉପାସନାର ମନ୍ତ୍ର ଦିଅନ୍ତି, ତାଙ୍କୁ ଦୀକ୍ଷାଗୁରୁ ବା ମନ୍ତ୍ରଗୁରୁ କହନ୍ତି । ଦୀକ୍ଷାଗୁରୁଙ୍କ ଠାରେ ପୂର୍ବୋକ୍ତ ମହାପୁରୁଷଙ୍କ ଲକ୍ଷଣ ତଥା ସଦ୍‌ଗୁରୁଙ୍କ ସମ୍ବନ୍ଧରେ କୁହାଯାଇଥିବା ଲକ୍ଷଣସମୂହ ରହିବା ଆବଶ୍ୟକ । ଦୀକ୍ଷାଗୁରୁ ବେଦର ତାତ୍ପର୍ଯ୍ୟ- ନିର୍ଣ୍ଣୟରେ ପାରଙ୍ଗତ, କୁଶଳବକ୍ତା, ଭଗବାନଙ୍କ ପ୍ରତ୍ୟକ୍ଷ ଅନୁଭୂତିଯୁକ୍ତ ତଥା ବିଷୟମାନଙ୍କରୁ ପରମ ବିରକ୍ତ ଆଦି ଗୁଣ-ସମ୍ପନ୍ନ ହେବା ଆବଶ୍ୟକ । ଅନ୍ୟଥା ହେଲେ ଶିଷ୍ୟର ଶ୍ରଦ୍ଧା 'ଦୁର୍ବଳ ହେବାର ସମ୍ଭାବନା ଅଛି ଏପରି ଦୀକ୍ଷାଗୁରୁ ଜଣେ ହୁଅନ୍ତି । ଶିକ୍ଷାଗୁରୁ ମଧ୍ୟ ଦୀକ୍ଷାଗୁରୁଙ୍କ ଅନୁରୂପ ହେବା ଉଚିତ । ଅନ୍ୟଥା ସାଧନାରେ ବାଧା ଉତ୍ପନ୍ନ ହୋଇପାରେ । ଅଧିକାଂଶ ଦୀକ୍ଷାଗୁରୁ ହିଁ ଶିକ୍ଷାଗୁରୁଙ୍କ କାର୍ଯ୍ୟ କରନ୍ତି । ତାହାଙ୍କ ଅନୁପସ୍ଥିତିରେ ପୂର୍ବୋକ୍ତ ଭକ୍ତ-ଭାଗବତଙ୍କୁ ଶିକ୍ଷାଗୁରୁରୂପେ ଗ୍ରହଣ କରିବା ଉଚିତ ।

ସଦ୍‌ଗୁରୁ-ପରିତ୍ୟାଗର ବିଧି ନାହିଁ; କିନ୍ତୁ ବୈଷ୍ଣବ-ବିଦ୍ୱେଷୀ, ଶାସ୍ତ୍ର ବିଦ୍ୱେଷୀ, ଭକ୍ତିବିଦ୍ୱେଷୀ, ବିଷୟଭୋଗରେ ଲିପ୍ତ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିବେକରହିତ, ମୂଢ଼, ଶୁଦ୍ଧଭକ୍ତି ବ୍ୟତୀତ ଇତରପନ୍ଥାର ଅନୁଗାମୀ ଇତ୍ୟାଦି ଲକ୍ଷଣଯୁକ୍ତ ଗୁରୁଙ୍କୁ ପରିତ୍ୟାଗ କରି ପୁଣି ବିଧିପୂର୍ବକ ବୈଷ୍ଣବଗୁରୁଙ୍କ ଠାରୁ ଦୀକ୍ଷା ନେବାର ବିଧ ଶାସ୍ତ୍ରେ ଦେଖା ଯାଏ।

ଗୁରୋରପ୍ୟବଲିପ୍ତସ୍ୟ କାର୍ଯ୍ୟାକାର୍ଯ୍ୟମଜାନତଃ ।
ଉତ୍ପଥପ୍ରତିପନ୍ନସ୍ୟ ପରିତ୍ୟାଗୋ ବିଧୀୟତେ । (ମହାଭାରତ ଉଦ୍ୟୋଗପର୍ବ, ୧୭୯/୨୫)

ଅର୍ଥାତ ବିଷୟଭୋଗରେ ଲିପ୍ତ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିବେକରହିତ ମୂଢ଼ ଏବଂ ଶୁଦ୍ଧଭକ୍ତିରହିତ ଭିନ୍ନ ପନ୍ଥାନୁଗାମୀ ବ୍ୟକ୍ତି ନାମମାତ୍ରକୁ ଗୁରୁ ଅଟେ। ତେଣୁ ତାହାଙ୍କୁ ପରିତ୍ୟାଗ କରିବା ହିଁ ବିଧି ଅଟେ।

ଅବୈଷ୍ଣବୋପଦିଷ୍ଟେନ ମନ୍ତ୍ରେଣ ନିରୟଂ ବ୍ରଜେତ
ପୁନଶ୍ଚ ବିଧିନା ସମ୍ୟଗ ଗ୍ରାହୟେଦ୍ ବୈଷ୍ଣବାଦ୍ ଗୁରୋଃ। (ହ. ଭ. ବି. ୪/୧୪୪)

ଅର୍ଥାତ ଅବୈଷ୍ଣବ ଗୁରୁଙ୍କ ଠାରୁ ମନ୍ତ୍ର ନେଇଥିବା ବ୍ୟକ୍ତି ନରକଗାମୀ ହୁଏ। ସେଥିପାଇଁ ପୁଣି ବିଧିପୂର୍ବକ ବୈଷ୍ଣବଗୁରୁଙ୍କ ଠାରୁ ଦୀକ୍ଷାମନ୍ତ୍ର ନେବା ଉଚିତ।

(୨) ଶ୍ରୀକୃଷ୍ଣ-ଦୀକ୍ଷା- ଶିକ୍ଷାଦି

ଭଗବଦ୍-ଭଜନରେ ପ୍ରବେଶ କରିବା ପାଇଁ ମନ୍ତ୍ରଦୀକ୍ଷା ଓ ଭଜନଶିକ୍ଷା ଗ୍ରହଣ ନିହାତି ଆବଶ୍ୟକ। 'ଶ୍ରୀହରିଭକ୍ତିବିଳାସ' (୨/୭)ରେ ଦୀକ୍ଷା ସମ୍ବନ୍ଧରେ ଏପରି କୁହାଯାଇଛି -

ଦିବ୍ୟଂ ଜ୍ଞାନଂ ଯତୋ ଦଦ୍ୟାତ କୁର୍ଯ୍ୟାତ ପାପସ୍ୟ ସଂକ୍ଷୟମ
ତସ୍ମାଦ୍ଦୀକ୍ଷେତି ସା ପ୍ରୋକ୍ତା ଦେଶିକୈସ୍ତତ୍ତ୍ୱକୋବିଦୈଃ।

ଅର୍ଥାତ ଯେଉଁ ଅନୁଷ୍ଠାନ ଦ୍ୱାରା ଦିବ୍ୟ ଜ୍ଞାନ ପ୍ରଦାନ କରାଯାଏ ତଥା ପାପ, ପାପବୀଜ ଓ ସମସ୍ତ ଅବିଦ୍ୟା ଆଦିକୁ ସମୂଳେ ଧ୍ୱଂସ କରାଯାଏ, ଭଗବଦ୍‌ତତ୍ତ୍ୱବିଦ ବିଜ୍ଞଜନମାନେ ତାହାକୁ ଦୀକ୍ଷା ବୋଲି କହିଥାନ୍ତି । ଏଣୁ ଶ୍ରଦ୍ଧାଳୁ ସାଧକ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସର୍ବସ୍ୱ ନିବେଦନପୂର୍ବକ ଦଣ୍ଡବତ୍-ପ୍ରଣାମ କରି ତାଙ୍କ ଠାରୁ ବିଧି-ବିଧାନ ଅନୁସାରେ ବୈଷ୍ଣବମନ୍ତ୍ର ଦ୍ୱାରା ଦୀକ୍ଷା ଗ୍ରହଣ କରିବା ଉଚିତ। ଦିବ୍ୟଜ୍ଞାନର ତାତ୍ପର୍ଯ୍ୟ ହେଉଛି, ଜୀବ କୌଣସି ପ୍ରାକୃତ ପଦାର୍ଥ ନୁହେଁ। ଜୀବ ସଚ୍ଚିଦାନନ୍ଦ ସ୍ୱରୂପ ଶ୍ରୀକୃଷ୍ଣଙ୍କ ଅଣୁ-ଚିଦ୍‌ପଦାର୍ଥ ଅଟେ। ତେଣୁ ଜୀବମାତ୍ରେ ହିଁ ଭଗବାନଙ୍କ ନିତ୍ୟଦାସ ଜୀବେର ସ୍ୱରୂପ ହୟ କୃଷ୍ଣେର ନିତ୍ୟ ଦାସ । ଶ୍ରୀଚୈତନ୍ୟଚରିତାମୃତରେ ମଧ୍ୟ ଏପରି କୁହାଯାଇଛି। ସ୍ୱରୂପତଃ ଜୀବ ନିତ୍ୟ ଭଗବାନଙ୍କ ଦାସ ହେଲେ ମଧ୍ୟ ଭଗବଦ୍-ବିମୁଖତା ହେତୁ ଅନାଦିକାଳରୁ ସେ ବିଭିନ୍ନ ଯୋନିରେ ଭ୍ରମଣପୂର୍ବକ ତ୍ରିତାପରେ ଦଗ୍ଧ ହେଉଛି। କରୁଣାବରୁଣାଳୟ ଭଗବାନଙ୍କର ବା ଭକ୍ତଙ୍କର ଅହୈତୁକୀ କୃପାରୁ ସେ ସାଧୁସଙ୍ଗ ପାଏ ଏବଂ ସେହି ସାଧୁସଙ୍ଗର ପ୍ରଭାବରେ ଶ୍ରୀଗୁରୁଦେବଙ୍କ ଚରଣରେ ଆତ୍ମନିବେଦନ କରେ। ଶ୍ରୀଗୁରୁଦେବ କୃଷ୍ଣମନ୍ତ୍ର ଦ୍ୱାରା ତାହାର ବିମୁଖତାକୁ ଦୂରକରି ତାକୁ ଭଗବଦ୍-ଭଜନରେ ଉନ୍ମୁଖ କରାନ୍ତି। ତାହାକୁ ଭଗବଦ୍-ତତ୍ତ୍ୱ, ଜୀବ-ତତ୍ତ୍ୱ ଏବଂ

ମାୟା-ତତ୍ତ୍ୱ ଇତ୍ୟାଦିର ସମ୍ବନ୍ଧ ଜ୍ଞାନ ଦେଇ ତାହାର ସୁପ୍ତପ୍ରାୟ ଭଗବତ୍-ଚେତନାକୁ ବା କୃଷ୍ଣ ଚେତନାକୁ ପୁଣି ଜଗାଇ ଦିଅନ୍ତି। ଯାହାଦ୍ୱାରା ସାଧକର ପାପ, ପାପବୀଜ ଓ ଅବିଦ୍ୟା ଆଦି ଜଡ଼ରୁ ନଷ୍ଟ ହୋଇଯାଏ। ଏହି ଦୀକ୍ଷା ଗୋଟିଏ ଦିନରେ ସମ୍ପୂର୍ଣ୍ଣ ହୁଏ ନାହିଁ; ବ୍ୟକ୍ତିର ଦୀକ୍ଷା ନେବା ଦିନରୁ ଏହି -ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଶ୍ରୀଳ ଜୀବଗୋସ୍ୱାମୀ ଭକ୍ତି ସନ୍ଦର୍ଭ (ସଂଖ୍ୟା ୨୮୬) ରେ ଦିବ୍ୟଜ୍ଞାନର ତାତ୍ପର୍ଯ୍ୟ ଏହିପ୍ରକାରେ ଲେଖିଛନ୍ତି - 'ଦିବ୍ୟଂ ଜ୍ଞାନଂ ହ୍ୟତ୍ର ମନ୍ତ୍ରେ ଭଗବଦ୍ସ୍ୱରୂପ ଜ୍ଞାନମ୍, ତେନ ଭଗବତା ସମ୍ବନ୍ଧ ବିଶେଷ ଜ୍ଞାନଞ୍ଚ ।' ଅର୍ଥାତ ମନ୍ତ୍ରରେ ଭଗବଦ୍- ସ୍ୱରୂପ ଜ୍ଞାନ ତଥା ଭଗବଦ -ସ୍ୱରୂପ ସହିତ ସାଧକ ଜୀବର ସମ୍ବନ୍ଧ ବିଶେଷର ଜ୍ଞାନକୁ ହିଁ ଦିବ୍ୟଜ୍ଞାନ କହନ୍ତି ଭଗବାନ ଓ ଜୀବ ଠାରେ ସେବ୍ୟ ଓ ସେବକର ସମ୍ବନ୍ଧ ଅଛି। ଭଗବାନ ସେବ୍ୟ ଏବଂ ଜୀବ ସେବକ-ଏହା ସାଧାରଣ ସମ୍ବନ୍ଧ ଅଟେ । ଉନ୍ନତ ଅବସ୍ଥାରେ ସେହି ସମ୍ବନ୍ଧ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଭାବ ମଧ୍ୟରୁ କୌଣସି ଗୋଟିଏ ଭାବ ଗାଢ଼ରୂପେ ଉଦିତ ହୁଏ। ଶ୍ରୀଗୁରୁଦେବ ସାଧକର ସ୍ୱରୂପଗତ ଭାବକୁ ଜାଣି ତାହାର ହୃଦୟରେ ସେହି ଭାବକୁ ପରିସ୍ଫୁଟ କରିଦିଅନ୍ତି। ଶ୍ରୀହରିଭକ୍ତିବିଳାସରେ କୁହାଯାଇଛି-

ଯଥା କାଞ୍ଚନତାଂ ଯାତି କାଂସ୍ୟଂ ରସବିଧାନତଃ
ତଥା ଦୀକ୍ଷାବିଧାନେନ ଦ୍ୱିଜତ୍ୱଂ ଜାୟତେ ନୃଣାମ । (ତତ୍ତ୍ୱସାଗର-ବଚନ)

ଅର୍ଥାତ ଯେପରି କୌଣସି ବିଶେଷ ରାସାୟନିକ ପ୍ରକ୍ରିୟାଦ୍ୱାରା କଂସା ସୁବର୍ଣ୍ଣରେ ପରିଣତ ହୁଏ, ସେହିପରି (ବୈଷ୍ଣବୀ) ଦୀକ୍ଷା- ବିଧାନଦ୍ୱାରା ମନୁଷ୍ୟମାତ୍ରେ ଦ୍ୱିଜତ୍ୱକୁ ପାଏ। ଶ୍ରୀଳ ସନାତନ ଗୋସ୍ୱାମୀ ଏହି ଶ୍ଲୋକର ନୃଣାଂ ପଦର ଅର୍ଥ କେବଳ ଦୀକ୍ଷିତ ବ୍ୟକ୍ତିମାତ୍ର ବୋଲି କରିଛନ୍ତି। ଅର୍ଥାତ ଯେଉଁ ମନୁଷ୍ୟ ଦୀକ୍ଷା ଲାଭ କରେ, ସେ ଦ୍ୱିଜ ହୁଏ। 'ଦ୍ୱିଜତ୍ୱଂ' ପଦର ଅର୍ଥ ସେ ବ୍ରାହ୍ମଣ ବୋଲି କରିଛନ୍ତି। ଅର୍ଥାତ ସେ ବ୍ରହ୍ମକୁ ଜାଣିନିଏ ଏଠାରେ ଦ୍ୱିଜତ୍ୱର ତାତ୍ପର୍ଯ୍ୟ କ୍ଷତ୍ରିୟ ଓ ବୈଶ୍ୟ ଆଦିଙ୍କ ଭଳି ଦ୍ୱିଜତ୍ୱ ନୁହେଁ। ଦୀକ୍ଷାବିଧାନ ଦ୍ୱାରା ଶିଷ୍ୟର ପୁନର୍ଜନ୍ମ ହୁଏ, ଯାହାକୁ ଦୈକ୍ଷ୍ୟ ଜନ୍ମ କୁହାଯାଏ ଜନ୍ମ ତିନିପ୍ରକାର ହୁଏ ଯଥା (୧) ପିତା-ମାତାଙ୍କ ଠାରୁ 'ଶୌକ୍ର' ଜନ୍ମ, (୨) ଉପନୟନ ସଂସ୍କାର ଦ୍ୱାରା 'ସାବିତ୍ର' ଜନ୍ମ ଏବଂ (୩) ଦୀକ୍ଷା ବିଧି ଦ୍ୱାରା ଦୈକ୍ଷ୍ୟ ଜନ୍ମ ହୁଏ। ଅତ୍ୟନ୍ତ ନିମ୍ନ କୂଳେ ଜନ୍ମିଥିବା ଶୂଦ୍ର ବା ଅନ୍ତ୍ୟଜ ବ୍ୟକ୍ତି ମଧ୍ୟ ପାଞ୍ଚରାତ୍ରିକ ବିଧାନ ଦ୍ୱାରା ଦୀକ୍ଷିତ ହେଲେ ଦ୍ୱିଜତ୍ୱ ସଂସ୍କାର ପାଏ।

ଏତୈଃ କର୍ମଫଳୈର୍ଦ୍ଦେବି ନ୍ୟନ ଜାତି କୁଳୋଦ୍ଭବଃ
ଶୂଦ୍ରୋଽପ୍ୟାଗମସମ୍ପନ୍ନୋ ଦ୍ୱିଜୋ ଭବତି ସଂସ୍କୃତଃ । (ମହାଭାରତ, ଶାନ୍ତି ପର୍ବ, ୧୪୩/୪୬)

ସ୍କନ୍ଦପୁରାଣରେ ରୁକ୍ମାଙ୍ଗଦ- ରୋହିଣୀ ସମ୍ବାଦରେ ଏପରି କୁହାଯାଇଛି -

ଅଦୀକ୍ଷିତସ୍ୟ ବାମୋରୁକୃତଂ ସର୍ବଂ ନିରର୍ଥକମ
ପଶୁଯୋନିମବାପ୍ନୋତି ଦୀକ୍ଷା ବିରହିତୀଂ ଜନଃ ।।

ଅର୍ଥାତ ହେ ବାମୋରୁ ! ଅଦୀକ୍ଷିତ ବ୍ୟକ୍ତିର ସବୁ ଶୁଭକର୍ମମାନ ନିରର୍ଥକ ଅଟେ ଦୀକ୍ଷାବିହୀନ ବ୍ୟକ୍ତି ପଶୁଯୋନିକୁ ପାଏ। ଶ୍ରୀଳ ଜୀବଗୋସ୍ୱାମୀ ଭକ୍ତି ସନ୍ଦର୍ଭରେ କହିଛନ୍ତି ଯେ, ଯେପରି ଉପନୟନ ସଂସ୍କାର-ବିହୀନ ଦ୍ୱିଜ-ସନ୍ତାନର

ମଧ୍ୟ ଶାସ୍ତ୍ରର ଅଧ୍ୟୟନରେ ଏବଂ ଯଜ୍ଞାଦି କାର୍ଯ୍ୟରେ ଅଧିକାର ନାହିଁ, ସେହିପରି ଅଦୀକ୍ଷିତ ବ୍ୟକ୍ତିର ମନ୍ତ୍ରଦେବତାଙ୍କୁ ଅର୍ଚ୍ଚନପୂଜନର ଅଧିକାର ନାହିଁ।

ଭଗବନ୍ନାମ- ମାହାତ୍ମ୍ୟ ସମ୍ବନ୍ଧରେ ଶାସ୍ତ୍ରମାନଙ୍କରେ ଏପରି ଉଲ୍ଲେଖ ଦେଖାଯାଏ ଯେ, ଭଗବନ୍ନାମରେ ଏତେ ଶକ୍ତି ଅଛି ଯେ, ତାହା ଦୀକ୍ଷା, ସତ୍‌କ୍ରିୟା ଏବଂ ପୁରଶ୍ଚର୍ଯ୍ୟା ଆଦି ବିଧିର ବିନା ମଧ୍ୟ ଜିହ୍ୱା ସ୍ପର୍ଶମାତ୍ରେ ହିଁ ଫଳ ଦେବାରେ ସମର୍ଥ -

ନୋ ଦୀକ୍ଷାଂ ନ ଚ ସତ୍କ୍ରିୟାଂ ନ ଚ ପୁରଶ୍ଚର୍ଯ୍ୟାଂ ମନାଗୀକ୍ଷତେ
ମନ୍ତ୍ରୋଽୟଂ ରସନାସ୍ପୃଗେବ ଫଳତି ଶ୍ରୀକୃଷ୍ଣନାମାତ୍ମକଃ ।

(ପଦ୍ୟାବଳୀ ୨୯ ଧୃତ, ଶ୍ରୀଧରସ୍ୱାମୀକୃତ ଶ୍ଲୋକ)

ଏହି ବିଷୟରେ ଶ୍ରୀଳ ଜୀବଗୋସ୍ୱାମୀ ପ୍ରଭୁ ଭକ୍ତିସନ୍ଦର୍ଭ ( ୨୮୩) ରେ ଏପରି କହିଛନ୍ତି ଯେ, -ଏପରି ହେଲେ ମଧ୍ୟ ନାରଦାଦି ପୂର୍ବ ପୂର୍ବ ମହାଜନମାନେ ଯେପରି ଗୁରୁଦେବଙ୍କ ନିକଟରୁ ଦୀକ୍ଷା ଆଦି ଗ୍ରହଣ କରି.ସାଧନ- ଭଜନ (ନିଜ ଇଷ୍ଟଦେବଙ୍କୁ ପୂଜା) କରିଛନ୍ତି, ସେହିପରି ଉକ୍ତ ମହାପୁରୁଷମାନଙ୍କ ଅନୁଗତଜନମାନଙ୍କୁ ମଧ୍ୟ ଶ୍ରୀଗୁରୁଦେବଙ୍କ ଠାରୁ ମନ୍ତ୍ରଦୀକ୍ଷା ଆଦି ଗ୍ରହଣ କରିବା ଉଚିତ। ଯେହେତୁ ଦୀକ୍ଷା ଗ୍ରହଣ ବିନା ଭଗବାନଙ୍କ ସହିତ ଦାସ୍ୟ-ସଖ୍ୟ ଆଦି ସମ୍ବନ୍ଧ ସ୍ଥାପିତ ହୁଏ ନାହିଁ ସେହି ସମ୍ବନ୍ଧ କେବଳ ଗୁରୁଦେବଙ୍କ ଦ୍ୱାରା ହିଁ ସ୍ଥାପିତ ହୁଏ। ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ତାହାଙ୍କ ଅନୁଗତ ଗୋସ୍ୱାମୀମାନେ ତଥା ତାହାଙ୍କ ଅନୁଗତଜନମାନଙ୍କ ଠାରେ ଆଜିପର୍ଯ୍ୟନ୍ତ ଦୀକ୍ଷା ନେବାର ରୀତି ପ୍ରଚଳିତ ଅଛି। ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ଏହାକୁ ସ୍ପଷ୍ଟ ଭାବେ କହିଛନ୍ତି, "ଯେଉଁମାନେ କର୍ମଯୋଗ, ଜ୍ଞାନଯୋଗ, ଜପ-ତପ ଆଦି ଅନ୍ୟାନ୍ୟ ସାଧନାକୁ ଛାଡ଼ି ଭଗବାନ ନାମ ଶ୍ରବଣ, କୀର୍ତ୍ତନ ଓ ସ୍ମରଣ କରନ୍ତି ତଥା ଭଗବାନଙ୍କୁ ହିଁ ନିଜର ଇଷ୍ଟଦେବ ମଣନ୍ତି, କିନ୍ତୁ କୌଣସି ବୈଷ୍ଣବ-ଗୁରୁଙ୍କ ଠାରୁ ବୈଷ୍ଣବ-ରୀତି ଅନୁସାରେ ଦୀକ୍ଷା ନେଇ ନାହାଁନ୍ତି, ତାହାଙ୍କୁ ଭଗବଦ ପ୍ରାପ୍ତି ହୋଇପାରିବ ନାହିଁ। କିନ୍ତୁ ତାହାଦ୍ୱାରା କେବଳ ନରକ ପ୍ରାପ୍ତି ହେବ ନାହିଁ, ଅଥବା ପର ଜନ୍ମରେ ପୂର୍ବଜନ୍ମ କୃତ ଭଜନ ପ୍ରଭାବରୁ ସାଧୁସଙ୍ଗ ମିଳିବ ତଥା ଗୁରୁ-ଚରଣାଶ୍ରୟ, ଦୀକ୍ଷା ଆଦି ଦ୍ୱାରା ଭକ୍ତିର କ୍ରମମାର୍ଗରେ ଭଗବଦ ପ୍ରାପ୍ତି ହୋଇପାରିବ।

ଶ୍ରୀଳ ସନାତନ ଗୋସ୍ୱାମୀ କହିଛନ୍ତି -

ଏବଂ ଶ୍ରୀଭଗବାନ ସର୍ବୈଃ ଶାଳଗ୍ରାମଶିଳାତ୍ମକଃ
ଦ୍ୱିଜୈଃ ସ୍ତ୍ରୀଭିଶ୍ଚ ଶୂଦ୍ରୈଶ୍ଚ ପୂଜ୍ୟୋ ଭଗବତଃ ପରୈଃ
ବ୍ରାହ୍ମଣ- କ୍ଷତ୍ରିୟ ବିଶାଂ ସ୍ୱଚ୍ଛୁଦ୍ରାଣାମଥାପି ବା
ଶାଳଗ୍ରାମେଽଧିକାରୋଽସ୍ତି ନ ଚାନ୍ୟେଷାଂ କଦାଚନ । (ଶ୍ରୀହରିଭକ୍ତିବିଳାସ, ୫/ ୨୨୩-୨୨୪)

- କ୍ରମଶଃ

# ଶ୍ରୀ ଗୌର ଗମ୍ଭୀରା (ରାଧାକାନ୍ତ ମଠ)

**ଶ୍ରୀ ଜାହ୍ନବୀ ଜୀବନ ଦାସ**

ପରମହଂସ ୧୦୮ ଶ୍ରୀମଦ୍ ଭକ୍ତି କେବଳ ଔଡୁଲୋମୀ ଗୁରୁ ମହାରାଜ ତଦ୍ ବିରଚିତ 'ଶ୍ରୀକ୍ଷେତ୍ର ପରିକ୍ରମା' କୀର୍ତ୍ତନରେ ଗାଇଛନ୍ତି

"ଜୟ ଜୟ ଗମ୍ଭୀରାକାଶୀ ମିଶ୍ରଙ୍କ ଭବନ । ନୀଳାଚଳେ ମହାପ୍ରଭୁଙ୍କ ଲୀଳା ନିକେତନ" । ଅର୍ଥାତ ଶ୍ରୀକ୍ଷେତ୍ର (ନୀଳାଚଳ)ରେ ମହା ପ୍ରଭୁ ଗୌର ହରିଙ୍କ ଲୀଳା ନିକେତନ (ଗୃହ) ଅଛି। ତାହାହେଲା ରାଜଗୁରୁ କାଶୀମିଶ୍ରଙ୍କ ଭବନ । ଯାହାର ଅନ୍ୟ ନାମଟି ଗମ୍ଭୀରା । ଗମ୍ଭୀରା ଅର୍ଥ କ୍ଷୁଦ୍ର ଗୃହ (ପ୍ରକୋଷ୍ଠ) ଯେଉଁଥିରେ ସାଧାରଣତଃ ଲୋକେ ପେଟରା, ସିନ୍ଧୁକ, ଟ୍ରଙ୍କ, ଧନ, ରତ୍ନ ରଖନ୍ତି । ୫୦୦ ବର୍ଷ ତଳର ଆମ ଓଡ଼ିଆ ଭାଗବତରେ ଶ୍ରୀକୃଷ୍ଣ ଗମ୍ଭୀରୀ ଭିତରେ ଲବଣୀ ଚୋରାଇବା ପରେ ଲୁଚିବା କଥା ୧୦/୧୦ରେ ଏହିପରି ଅଛି - "ପଳାଇଗଲେ ଆଡିଖରେ । ଲୁଚିଲେ ଗମ୍ଭୀରୀ ଭିତରେ" ଯେଉଁ କ୍ଷୁଦ୍ର ପ୍ରକୋଷ୍ଠରେ ଯଶୋଦା କ୍ଷୀର ଲବଣୀ ରଖିଥିଲେ, ତାହା କୃଷ୍ଣ ଲୀଳାର ଗମ୍ଭୀରା।

ସେଇ କୃଷ୍ଣ ରାଧାଭାବକାନ୍ତୀ ଧରି ଶ୍ରୀରାଦାଙ୍କ ହୃଦୟ ଧାର ଆଣି (ଶ୍ରୀରାଧିକାୟା ହୃଦୟସ୍ୟ ଚୌରଂ) ଶ୍ରୀରାଧାଙ୍କ ବିରହରେ ଜଗଜ୍ଜୀବଙ୍କୁ ଶ୍ରୀକୃଷ୍ଣ ନାମ ପ୍ରେମ ଦେବାକୁ ଶାସ୍ତ୍ର ବାକ୍ୟ ସତ୍ୟ କରିବାକୁ "ସନ୍ୟାସ କୃଛମୋଶାନ୍ତ ନିଷ୍ଠାଶାନ୍ତି ପରାୟଣ" (ମହାଭାରତ - ବିଷ୍ଣୁ ସହସ୍ରନାମ) ସନ୍ୟାସ ନେ "ଦାରୁବ୍ରହ୍ମ ସମୀପସ୍ଥ ସନ୍ୟାସୀ ଗୌର ବିଗ୍ରହ' ନିଜର ପୂର୍ବ ପୁରୁଷଙ୍କ ସ୍ଥାନ ଉତ୍କଳର ନୀଳାଚଳ କୁ ଆସିଲେ । ପ୍ରଥମେ ଶ୍ରୀ ଜଗନ୍ନାଥ ଦର୍ଶନ ବେଳେ ଶ୍ରୀ ଗୌର ରହିଙ୍କଠାରେ ଥିବା କୃଷ୍ଣତ୍ୱ (ରାଧାକୃଷ୍ଣ ମଳିତ ରୂପରୁ) ମୂଳ ରାଧାକୃଷ୍ଣ ମିଳିତ ରୂପ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ବିଗ୍ରହରେ ମିଶି ଏକାକାର ହୋଇଯାଏ, ଏହା ନିଗୁଢ଼ ତତ୍ତ୍ୱ, ଅର୍ଥାତ ପ୍ରଥମ ଜଗନ୍ନାଥ ଦର୍ଶନ ପରେ ଗୋରାଚାନ୍ଦଙ୍କ ଠାରେ କେବଳ ରାଧାଭାବ (ରାଧା ରୂପ)ଟି ରହିଲା । ଏଣୁ ପୁରୀ ଶ୍ରୀମନ୍ଦିର ଦକ୍ଷିଣ ବେଢ଼ାରେ ଥିବା ଷଡ଼ଭୁଜ ଗୌରାଙ୍ଗ ରାତିରେ ଶ୍ରୀ ରାଧାବେଶ ହୁଅନ୍ତି ପ୍ରତ୍ୟହ। ଅପରପକ୍ଷେ ରାଧାକୃଷ୍ଣ ମିଳିତ ତନୁ ଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତି ମଧ ପ୍ରତ୍ୟହ ଶ୍ରୀରାଧାଭାବରେ ଶାଢ଼ୀ ପିନ୍ଧନ୍ତି । ଶ୍ରୀ ଜଗନ୍ନାଥ ଧୋତି ପିନ୍ଧନ୍ତି ନାହିଁ ।

ମହାନ୍ ଭକ୍ତି ଗ୍ରନ୍ତ ଶ୍ରୀ ଚୈତନ୍ୟ ଚରିତାମୃତରେ ଶ୍ରୀମଦ୍ କୃଷ୍ଣ ଦାସ କବିରାଜ ଗୋସ୍ୱାମୀ ବହୁ ଜାଗାରେ 'ଗମ୍ଭୀରା' ଶବ୍ଦ ବ୍ୟବହାର କରିଛନ୍ତି -

'ଗମ୍ଭୀରା ଭିତେର ରାତ୍ରେ ନାହିଁ ନିଦ୍ରାଲବ ।

× × ×

ଗମ୍ଭୀରାର ଦ୍ୱାରେ କରେନ୍ ଆପନି ଶୟନ ।

× × × ×

ଗମ୍ଭୀରା ଦ୍ୱାରେ ଗୋବିନ୍ଦ କରିଲା ଶୟନ ।

× × × ×

ସ୍ୱରୂପ ଗୋବିନ୍ଦ ଶୁଇଲା 'ଗମ୍ଭୀରା'ର ଦ୍ୱାରେ।

× × × ×

ଗମ୍ଭୀରା ଭିତରେ ମୁଖ ଘଷିତେ ଲାଗିଲା ।

ଉପରୋକ୍ତ ମହାଜନ ବାକ୍ୟମାନଙ୍କରୁ ଆମ୍ଭେ ଗମ୍ଭୀରା ଯେ ମହାପ୍ରଭୁ ଗୌର ହରିଙ୍କ ଲୀଳା ନିକେତନ ଏହା ଜାଣିଲେ ଓ ଗମ୍ଭୀରାର ଅର୍ଥ ସାମାନ୍ୟ ଭାବେ ଜାଣିଲେ । ଗମ୍ଭୀରା ଅର୍ଥ ହେଲା ଯେଉଁଠି ପ୍ରଭୁଙ୍କର ଗମ୍ଭୀର ଲୀଳା ଅନୁଷ୍ଠିତ ହୋଇଛି । ତାହା ହେଲା ଗମ୍ଭୀରା।। ଏପରି ସ୍ଥାନ ପୃଥିବୀରେ ଗୋଟିଏ, ପୁରୀରେ । ଏହି ଗମ୍ଭୀରା ସମସ୍ତ ଜୀବଙ୍କର ଆରାଧ୍ୟ ସ୍ଥାନ । କେବଳ ଗୌଡ଼ୀୟ ବୈଷ୍ଣବ, ରାଧାକାନ୍ତ ମଠ, ବକ୍ରେଶ୍ୱର ପରିବାର, ଶ୍ରୀ ରାଧାରମଣଦେବଙ୍କ ଧାରା, ଶ୍ରୀ ଭକ୍ତିବିନୋଦ ଧାରା, ଆଦି ଯେତେ ଗୌରାନୁଗଣ ସମସ୍ତଙ୍କର ପରମ ଉପାସନା ସ୍ଥଳ, ମହାତୀର୍ଥ ହେଲା ଗମ୍ଭୀରା । ସମଗ୍ର ଗୌଡ଼ୀୟ ସମ୍ପ୍ରଦାୟର ଏହା ହେଲା ଆଜି ମଠ। ପରମ ସମ୍ମାନର ସ୍ଥଳୀ ।

ଶ୍ରୀ କାଶୀ ମିଶ୍ର ଥିଲେ ଶ୍ରୀକୃଷ୍ଣ ଲୀଳାର ସୌରେନ୍ଦ୍ରୀ ଅର୍ଥାତ କୁବ୍‌ଜା । କୁବ୍‌ଜାଙ୍କ ଇଛା ଥିଲା ବହୁଦିନ ଶ୍ରୀକୃଷ୍ଣଙ୍କ ସେବା କରିବି । ତାହା ଏଇ ଗୌର ଅବତାରେ ପୂର୍ଣ୍ଣ ହେଲା । ଗମ୍ଭୀରାରେ ପ୍ରଭୁ ୧୮ ବର୍ଷରୁ ପୁରା ୧୨ ବର୍ଷ କୁଆଡ଼େ ନ ଯାଇ କ୍ରମାଗତ ରହି ନିରନ୍ତର ଶ୍ରୀ ରାଧାଙ୍କ ଶ୍ରୀକୃଷ୍ଣ ବିରହରେ ଶ୍ରୀ ନାମ ସଂକୀର୍ତ୍ତନ କରିଥିଲେ । ୧୮ରୁ ୬ ବର୍ଷ ଭାରତ ଭ୍ରମଣ କରିଥିଲେ ମହାପ୍ରଭୁ । ମହାପ୍ରଭୁ ୧୫୧୦ରେ ଫଗୁଦଶମୀ ଦିନ ପୁରୀରେ ପହଞ୍ଚି ପ୍ରଥମେ ଜଗନ୍ନାଥ ଦର୍ଶନ କରି ଅଚେତ ହୋଇ ଶ୍ରୀ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ତାଙ୍କ ଗୃହ ଶ୍ୱେତଗଙ୍ଗା ଉପର ଗଙ୍ଗାମାତା ମଠକୁ ଯାଇଥିଲେ । ସେଠାରେ ସେ ସାର୍ବଭୌମଙ୍କୁ ଷଡ଼ଭୁଜ ରୂପ ଦେଖାଇଥିଲେ । ଅଳ୍ପ କିଛି ଦିନ ଗଙ୍ଗାମାତା ମଠରେ ରହି ସେ ଦାକ୍ଷିଣାତ୍ୟାଦି ଅଞ୍ଚଳକୁ ଯାଇଥିଲେ । ମହାପ୍ରଭୁ ଶ୍ରୀମନ୍ଦିର ନିକଟ ଏକ ନିର୍ଜନ ସ୍ଥାନ ନିଜ ଭଜନ ପାଇଁ ଅନୁକୂଳ, ଏପରି ଜାଗାରେ ରହିବାକୁ ଚାହୁଁଥିଲେ । ପ୍ରଭୁ ଦାକ୍ଷିଣାତ୍ୟରୁ ଫେରି ଶ୍ରୀଜଗନ୍ନାଥ ଦର୍ଶନ କରି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସାର୍ବଭୌମ କହିଲେ ପ୍ରଭୁ ରାଜା ଓ କାଶୀ ମିଶ୍ରଙ୍କ ସହ କଥା ହୋଇ ଆପଣଙ୍କ ପାଇଁ କାଶୀ ମିଶ୍ରାଳୟଟି ଉପଯୋଗୀ ହେବ ଭାବି ଠିକ୍ କରିଛୁ। ଆପଣ ସେଠାକୁ ଚାଲନ୍ତୁ । ପ୍ରଭୁ କହିଲେ ଏ ଦେହ ତୁମମାନଙ୍କର ଏଣୁ ଯେଉଁଠି ରଖିବ ମୋ ପାଇଁ ସେହି ସ୍ଥାନ ହିଁ ଭଲ । କାଶୀ ମିଶ୍ର ମଧ୍ୟ ବହୁତ ଖୁସି ହେଲେ ଯେ ତାଙ୍କ ଘରେ ମହାପ୍ରଭୁ ରହିବେ । ଏହାଠୁ ବଡ଼ ଭାଗ୍ୟ ଓ ଆନନ୍ଦ କଥା ଆଉ କ'ଣ ଅଛି ?

ଶ୍ରୀ କାଶୀ ମିଶ୍ର ରାଜଗୁରୁ ଥିବାରୁ ଗଜପତି ପ୍ରତାପରୁଦ୍ରଦେବ ପୁରୀରେ ଥବା ସମୟରେ ପ୍ରତ୍ୟହ ରାଜଗୁରୁଙ୍କ ପଦସଂବାହନ କରନ୍ତି । ସେତେବେଳେ ଗମ୍ଭୀରା ନିକଟ ବର୍ତ୍ତମାନର ଶ୍ୟାମାକାଳୀ ମନ୍ଦିର ପାଖେ ରାଜାଙ୍କ ଉଆସ ଥିଲା । ଯାହା ଗମ୍ଭୀରାକୁ ଅଳ୍ପବାଟ । ଏବେ ପ୍ରାଚୀନ ନଅରରେ ଗଜପତି ପ୍ରତାପରୁଦ୍ରଙ୍କ ପୂଜିତ ଗୌର ବିଗ୍ରହ ଅଛନ୍ତି । ଧନରତ୍ନକୁ ଭିତର ଘରେ ସାଇତି ରଖିବା ପରି କାଶୀ ମିଶ୍ର ନିଜ ଗୃହର ଏକ କ୍ଷୁଦ୍ର ପ୍ରକୋଷ୍ଠ ଗମ୍ଭୀରାରେ ହୃଦୟର ଧନ ଗୌରହରିଙ୍କୁ ରଖିଥିଲେ। ଏ ସମ୍ବନ୍ଧରେ ଆମ ଓଡ଼ିଆ ଭାଷାରେ

ଏକ କୀର୍ତ୍ତନ ଅଛି -

ସୁନାର ବରନ ପୋଷାପକ୍ଷୀ (ଗୌର)ଟିଏ କିଏ ସେ ଦେଖିଛ ଭାଇ
କାଶୀ ମିଶ୍ର ତାଙ୍କୁ ବାନ୍ଧି ରଖିଛନ୍ତି ସ୍ନେହର ଡୋରି ଲଗାଇ ।

ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ସେଠାରୁ ଶ୍ରୀ ସାକ୍ଷୀ ଗୋପାଳ, ଶ୍ରୀ ରାଧାକାନ୍ତ ଓ ଗଣେଶ ବିଗ୍ରହାଦି ଆଣିଥିଲେ । ସାକ୍ଷୀଗୋପାଳଙ୍କୁ ପ୍ରଥମେ କଟକ ବାରବାଟୀ ଦୁର୍ଗରେ ରଖାଯାଇଥିଲା ମହାପ୍ରଭୁ କଟକ ଆସି ପ୍ରଥମେ ସେଠାରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଥିଲେ । ପରେ ସାକ୍ଷୀ ଗୋପାଳ ଖୋର୍ଦ୍ଧାରେ ୪୭ ବର୍ଷ, କନ୍ତଲବାଇ, ରଥିପୁର, ପୁରୀ ଶ୍ରୀମନ୍ଦିରେ ରହି ପରେ ବର୍ତ୍ତମାନର ସତ୍ୟବାଦୀ (ସାକ୍ଷୀଗୋପାଳଠାରେ) ଅଛନ୍ତି । ଗଣେଶ ଶ୍ରୀମନ୍ଦିରରେ ଆଉ ଶ୍ରୀରାଧାକାନ୍ତଙ୍କୁ କାଶୀ ମିଶ୍ରଙ୍କ ଆଗ୍ରହରେ ଗଜପତି ତାଙ୍କୁ ଦେଇଥିଲେ । ସେତେବେଳେ କାଶୀ ମିଶ୍ର ଗୃହ (ଗମ୍ଭୀରା) ଚାଳଘର ଥିଲା ପରେ ରାଧାକାନ୍ତ ମଠର ପରବର୍ତ୍ତୀ ମହନ୍ତ କେହି ପକ୍କା ଗୃହ ଓ ମନ୍ଦିରାଦି ରାଜାଙ୍କ ସାହାଯ୍ୟରେ ନିର୍ମାଣ କଲେ । ମହାପ୍ରଭୁଙ୍କ ସାଙ୍ଗରେ ନବଦ୍ୱୀପରୁ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଆଦି ଆସିଥିଲେ ମଧ୍ୟ ସେ କିଛି ଦିନ ପରେ ଗୌଡ଼ଦେଶକୁ ଯାଇଥିଲେ ପ୍ରଭୁଙ୍କ ଇଚ୍ଛାରେ ।

ଏଠାରେ ରାଧାକାନ୍ତଙ୍କ ସେବା (କାଶୀ ମିଶ୍ର - ଗମ୍ଭୀରା) ଚାଲିଲା ଶ୍ରୀ ବକ୍ରେଶ୍ୱର ପଣ୍ଡିତ ମହାପ୍ରଭୁଙ୍କ ପ୍ରିୟପାତ୍ର ଏକ ସଂଗେ ସେ ୨୪ ପ୍ରହର ନୃତ୍ୟ କରିପାରନ୍ତି । ପ୍ରଭୁ କହନ୍ତି ଇଏ ମୋର ଗୋଟେ ପକ୍ଷ' । ଏହାଙ୍କ ସାହାଯ୍ୟରେ ମୁଁ ଆକାଶକୁ ଉଡ଼ି ଯାଇପାରିବି । ବକ୍ରେଶ୍ୱର ପଣ୍ଡିତ ନାଚିଲେ ପ୍ରଭୁ ନିଜେ କୀର୍ତ୍ତନ କରନ୍ତି । ମହାପ୍ରଭୁଙ୍କ କୀର୍ତ୍ତନରେ କାଳେ ବାଧା ପଡ଼ିବ ଏଥିପାଇଁ ବକ୍ରେଶ୍ୱର ପଣ୍ଡିତ ମହନ୍ତ ହେବାକୁ ମନା କରି ଦିଅନ୍ତି । ଶ୍ରୀରାଧାକାନ୍ତଙ୍କ ନାମାନୁସାରେ କାଶୀ ମିଶ୍ରଙ୍କ ଘର ବା ଗୌରଗମ୍ଭୀରା ଶ୍ରୀ ରାଧାକାନ୍ତ ମଠ ନାମରେ ପ୍ରଭୁଙ୍କ ଦ୍ୱାରା ନାମିତ ହେଲା । ସେହି ମଠର ସମସ୍ତେ ଶ୍ରୀ ବକ୍ରେଶ୍ୱର ପରିବାରଭୁକ୍ତ ବୈଷ୍ଣବ । ଏହି ମଠର ଆଚାର୍ଯ୍ୟ ଯିଏ ହେବେ ସେ ପୂର୍ବାଶ୍ରମରେ ବ୍ରାହ୍ମଣ ହୋଇ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ନିହାତି ଆବଶ୍ୟକ । ଏହା ମହାପ୍ରଭୁଙ୍କ ଇଚ୍ଛା । ସେଇ ପରମ୍ପରା ଏବେ ମଧ୍ୟ ଚାଲୁଛି । କିନ୍ତୁ ଏହି ମହନ୍ତମାନେ କୌପୀନ ବହିର୍ବାସାଦି ବାବାଜୀ ବେଶ ଧାରଣ କରିଥିଲେ ମଧ୍ୟ ଠାକୁରଙ୍କ ପୂଜା ଓ ଶ୍ରୀଜଗନ୍ନାଥଙ୍କୁ ଚାମର ସେବାଦି କଲା ବେଳେ ତ୍ରିକଛ ପରିଧାନ କରିଥାନ୍ତି ।

*କ୍ରମଶଃ*

---

**ଯେଉଁ 'ପରମାର୍ଥୀ' ଗ୍ରାହକ ବନ୍ଧୁମାନେ ବାର୍ଷିକ ଭିକ୍ଷା ପଇଠ କରୁନାହାଁନ୍ତି ବା କିଛି ସମ୍ବନ୍ଧ ରଖୁନାହାନ୍ତି, ସେମାନଙ୍କୁ ଆମ୍ଭେ ବାଧ୍ୟ ହୋଇ ପତ୍ରିକା ପଠାଇବା ବନ୍ଦ କରିଦେବୁ ।**

**ଏ ବର୍ଷ 'କରୋନା' ମହାମାରୀ ଯୋଗୁଁ ଅଗଷ୍ଟ ମାସ ୧୨ ତାରିଖରେ ପଡିଥିବା ଶ୍ରୀକୃଷ୍ଣ ଜୟନ୍ତୀ ମହୋତ୍ସବ ସେତେ ଆଡ଼ମ୍ବର ସହକାରେ ପାଳିତ ହୋଇ ନାହିଁ । କାରଣ ସରକାରଙ୍କ କଟକଣା ନିୟମ ଦୃଷ୍ଟିରୁ କେବଳ ବିଧିରକ୍ଷା କରାଯାଇ ତିଥି ପାଳନ କରାଯାଇଛି ।**

**- ମ୍ୟାନେଜର 'ପରମାର୍ଥୀ'**